ଧରିତ୍ରୀ
DHARITRI
July 23-29, 2023 ₹2/-

ଛୁଟିଦିନ

# କଲାମଙ୍କ କର୍ମଭୂମି

ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିଶାଇଲମ୍ୟାନ୍ ଡ. ଅବଦୁଲ କଲାମଙ୍କ ଅନ୍ୟତମ କର୍ମଭୂମି ଭାବେ ପରିଚିତ ଭଦ୍ରକର ହ୍ୱିଲର ଦ୍ୱୀପପୁଞ୍ଜ। ପରବର୍ତ୍ତୀ ସମୟରେ ତାହା ଅବଦୁଲ କଲାମ ଆଇଲାଣ୍ଡ ନାମରେ ନାମିତ ହୋଇଛି। ତାଙ୍କର ସେଇ କର୍ମଭୂମି ସମ୍ପର୍କରେ...

ପ୍ରଚ୍ଛଦ ପ୍ରସଙ୍ଗ
୩



# ବାସ୍ତୁଶାସ୍ତ୍ର ଅନୁଯାୟୀ ପୂଜା କରିବାର ନିୟମ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ପୂଜାକୁ ସଫଳ ଓ ଫଳପ୍ରଦ କରିବାକୁ ହେଲେ ଦେବୀଦେବତାଙ୍କର ପ୍ରତିମା ସ୍ଥାପନାଠୁ ଆରମ୍ଭ କରି ତାଙ୍କୁ ଆରାଧନା କରିବା ପର୍ଯ୍ୟନ୍ତ କିଛି ନା କିଛି ନିୟମ ମାନିବାକୁ ହୋଇଥାଏ। ଯଦ୍ୱାରା ସେମାନଙ୍କର ଆଶିଷ ଲାଭ ହେବା ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ଯେମିତିକି:**

*ଦେବାଦେବୀଙ୍କ ପ୍ରତିମା ସ୍ଥାପନା କରିବା ପୂର୍ବରୁ ଘରକୁ ଭଲ ଭାବରେ ସଫାସୁତୁରା କରିବା ସହ ଅନାବଶ୍ୟକ ଜିନିଷକୁ ଘରୁ ବାହାର କରଦେବା ଦରକାର। କାରଣ ବେକାର ପଡ଼ିଥିବା ଜିନିଷ ଘରେ ନକାରାତ୍ମକ ଉର୍ଜା



ସୃଷ୍ଟି କରିଥାଏ।

*ସେହିପରି ଦେବାଦେବୀଙ୍କର ମୂର୍ତ୍ତି ହେଉ ଅବା ଫଟୋକୁ ଘରର ପୂର୍ବ ଦିଗରେ ଏପରି ସ୍ଥାପନା କରିବେ, ଯେମିତିକି ତାଙ୍କ ମୁଖ ପଶ୍ଚିମ ଦିଗ ଆଡକୁ ଏବଂ ପୂଜା କରିବା ସମୟରେ ଆପଣଙ୍କ ମୁହଁ ପୂର୍ବ ଦିଗ ଆଡକୁ ରହୁଥିବ। ଏପରି କଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

*ଅନ୍ୟପକ୍ଷେ କୁହାଯାଏ, ଠାକୁର ଘରର କାନ୍ଥରେ ସିନ୍ଦୁରରେ ଓଁ ଏବଂ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଶୁଭ ଲକ୍ଷଣ ହୋଇଥାଏ।

*ପୂଜା କଲାବେଳେ ତମ୍ବା କିମ୍ବା ପିତଳ ବାସନକୁସନ ବ୍ୟବହାର କରିବା ଭଲ। ଆପଣ ଚାହିଁଲେ ରୂପାର ଥାଳି ଓ ଜଳପାତ୍ରକୁ ମଧ୍ୟ ପୂଜାରେ ବ୍ୟବହାର କରିପାରିବେ।

*ତା’ଛଡ଼ା ଘରର ମୁଖ୍ୟ ଦ୍ୱାରରେ ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ କରି ଆମ୍ବଡାଳ ବାନ୍ଧିଲେ ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହେବା ସହ ପ୍ରଭୁକୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨୩-୨୯

**ମେଷ:** ନୂତନ କର୍ମାରମ୍ଭ, ବନ୍ଧୁଙ୍କ ସହଯୋଗ, କାରବାରରେ ଉନ୍ନତି, ଲକ୍ଷ୍ୟହୀନ ଯାତ୍ରା, ଅର୍ଥ ସାହାଯ୍ୟ ପାଇବେ, ବୁଝାମଣାରେ ଦ୍ୱନ୍ଦ୍ୱ, ଦୂରଯାତ୍ରାର ପ୍ରସ୍ତୁତି, ମନ ଭାରାକ୍ରାନ୍ତ ରହିବ, ମନ ପ୍ରଫୁଲ୍ଲ ରହିବ, ନିଷ୍ପତ୍ତି ପରିବର୍ତ୍ତନ କରିବେ, ବନ୍ଧୁମିଳନ, ଶାରୀରିକ ସୁସ୍ଥତା।

**ବୃଷ:** ଆର୍ଥିକ ଦୁରବସ୍ଥା, ପାରିବାରିକ ମତଭେଦ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଅତିଥି ସେବାର ସୁଯୋଗ, ସୌଖୀନ ଦ୍ରବ୍ୟ ଲାଭ, ଭ୍ରାତୃ ବିବାଦ ଉପୁଜିବ, ଆନୁଷ୍ଠାନିକ କାମରେ ପ୍ରଶଂସା, ଧାରକରଜ କରିବେ,ବ୍ୟୟବୃଦ୍ଧିରୁ ମନସ୍ତାପ।

**ମିଥୁନ:** ସ୍ଥଗିତ କାର୍ଯ୍ୟାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ସ୍ୱାସ୍ଥ୍ୟରେ ଉନ୍ନତି, ଅତୀତ ଘଟଣାର ସମୀକ୍ଷା, ସ୍ୱର୍ଣ୍ଣାଳଙ୍କାର କ୍ରୟ, ଶୁଭଖବର ପାଇବେ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, କଳା ସାହିତ୍ୟରେ ଉନ୍ନତି, ପର ଉପରେ ନିର୍ଭରଶୀଳ ହେବେ।

**କର୍କଟ:** ଅସୁସ୍ଥତା ଲାଗି ରହିବ, କାମ ଅଟକି ରହିଯିବ, ଅନିଦ୍ରାଜନିତ ପୀଡ଼ା, ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ମଉଜ ମଜଲିସ୍‌ର ମଉକା, ଶୁଭ ଖବର ପାଇବେ, ଅପବ୍ୟୟ, ସହକର୍ମୀଙ୍କ ସହଯୋଗ।

**ସିଂହ:** ନୂତନ ଯୋଜନା କରିବେ, ପ୍ରତିବନ୍ଧକ ଆସିପାରେ, ଅଶୌଚ ଖବର ପାଇବେ, ଲକ୍ଷ୍ୟସ୍ଥଳରେ ପହଞ୍ଚିବେ, ବୁଝାମଣାରେ ଦ୍ୱନ୍ଦ୍ୱ, ଶ୍ରମଜନିତ କ୍ଳାନ୍ତିବୋଧ, ଧାରକରଜ କରିବେ, ରୋଗପୀଡ଼ା କମିବ।

**କନ୍ୟା:** ମାନସିକ ଅସ୍ଥିରତା, ବନ୍ଧୁଙ୍କ ଉପରେ ସନ୍ଦେହ, ସମାଲୋଚିତ ହେବେ, ଭୁଲ୍ ବୁଝିପାରିବେ, ଟେନ୍‌ସନ୍ କମିଯିବ, ଅନ୍ୟ ପାଇଁ ସମସ୍ୟାଗ୍ରସ୍ତ ହେବେ, ଅଭିଳଷିତ ଫଳ ପାଇବେ, ଆମୋଦ ପ୍ରମୋଦର ମଉକା, ଜମିଜମା କ୍ରୟବିକ୍ରୟ, କଚେରି ମାମଲାରେ ବାଇଦା।

**ତୁଳା:** ଦୂରଯାତ୍ରା କରିପାରନ୍ତି, ଅନିଦ୍ରାଜନିତ କ୍ଳେଶ, ସମସ୍ୟା ସୁଧୁରିଯିବ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ଦ୍ରବ୍ୟଲାଭ, ବନ୍ଧୁବର୍ଗଙ୍କ ସହାନୁଭୂତି, କର୍ମମୁଖର ହେବେ, ଲକ୍ଷ୍ୟହାସଲ କରିବେ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ସ୍ତ୍ରୀଙ୍କ ପ୍ରେରଣା।

**ବିଛା:** ଅବହେଳାରୁ କର୍ମହାନି, ଅନୁତାପ କରିବାକୁ ପଡ଼ିବ, ଘରୋଇ କଳହରୁ ଅଶାନ୍ତି, ଅର୍ଥ ପାଇବେ, କାମଟି ବିଳମ୍ବରେ ହେବ, ନିଜ ଲୋକଙ୍କ ବିଶ୍ୱାସଘାତକତା, ଧନହାନି ଘଟିପାରେ, ଯାନ୍ତ୍ରିକତ୍ରୁଟି, ଯାତ୍ରାରେ ବିଳମ୍ବ, ସାମାଜିକ ସମ୍ମାନ।


**ଧନୁ:** ଦୈହିକ ଦୁର୍ବଳତା, ଯୁକ୍ତିତର୍କରୁ ସମ୍ପର୍କହାନି, ଅପମାନଜନକ ସ୍ଥିତି, ଅସୁସ୍ଥ ହୋଇପାରନ୍ତି, ସାଂସ୍କୃତିକ କାର୍ଯ୍ୟାରମ୍ଭ, ବସ୍ତ୍ରଭୂଷଣ ଲାଭ, ପ୍ରଶାସନିକ ସଫଳତା, ପରିବହନରେ ଝଗଡ଼ା, ନିଯୁକ୍ତି ଖବରପ୍ରାପ୍ତି।

**ମକର:** ସମସ୍ୟା ସମାଧାନ, ବନ୍ଧୁମିଳନରୁ ଆନନ୍ଦ, ଟେନ୍‌ସନ କମିଯିବ, ଆର୍ଥିକ ଅଭିବୃଦ୍ଧି, ମିତ୍ରତା ବୃଦ୍ଧି, ସହକର୍ମୀଙ୍କ ବଦାନ୍ୟତା, ଅପବ୍ୟୟର ସୀମା ଟପିବ, କଳାପ୍ରିୟ ହେବେ, ଯାନବାହନ କ୍ରୟ, ଭ୍ରମଣ ସୌଖ୍ୟ ପାଇବେ, ଧର୍ମକାର୍ଯ୍ୟ କରିପାରନ୍ତି।

**କୁମ୍ଭ:** କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଉପରିସ୍ଥଙ୍କ କୃପାଦୃଷ୍ଟି, ସରକାରୀ ସହାୟତା, ପଡ଼ୋଶୀଙ୍କ ପରାମର୍ଶ, ଅବହେଳିତ କାର୍ଯ୍ୟ, କୈଫିୟତ ତଲବ, ବିଭିନ୍ନ ସୂତ୍ରରୁ ରୋଜଗାର, ସାଂସ୍କୃତିକ କାର୍ଯ୍ୟାରମ୍ଭ, ଲେଖାପଢ଼ାରେ କୁଶଳ।

**ମୀନ:** ଆନୁଷ୍ଠାନିକ କାମରେ ପ୍ରଶଂସା, ଈର୍ଷାଳୁଙ୍କ ସମାଲୋଚନା, ମାନସିକ ବ୍ୟଥାନୁଭବ, ସାମାଜିକ ସମ୍ମାନ, ଯାତ୍ରାରେ ସଫଳତା, ଆତ୍ମୀୟମାନେ ଦୂରେଇଯିବେ, ଆଶଙ୍କା ଦୂର ହୋଇଯିବ, ଖୋଜୁଥିବା ଜିନିଷପ୍ରାପ୍ତି, ବିଦେଶ ଯାତ୍ରାର ସୁଯୋଗ।

# ନିଜ ଖୁସି ନିଜ ହାତରେ



**ବା**ସ୍ତୁଶାସ୍ତ୍ର ଅନୁଯାୟୀ, ଘରକୁ ଯେ କେବଳ କିଛି ନୂଆ ଜିନିଷ କିଣିଆଣିଲେ କିମ୍ବା କିଛି ନୂଆ ଉପାୟ ଅବଲମ୍ବନ କରିଦେଲେ ଗୃହରେ ଶାନ୍ତି ଓ ଖୁସିର ବାତାବରଣ ଆସିଯିବ ତାହା ଭାବିବା ଠିକ୍ ନୁହେଁ। ଏଥିପାଇଁ ନିଜକୁ ବି କିଛି ହାଲ୍‌କା ପରିଶ୍ରମ କରିବାକୁ ପଡିବ। ଘରଦ୍ୱାରକୁ ପରିଷ୍କାର, ପରିଚ୍ଛନ୍ନ ରଖିବାକୁ ହେବ। ଭାଙ୍ଗି ଯାଇଥିବା ଆସବାବପତ୍ରକୁ ସଜାଡିବାକୁ ହେବ। ରଙ୍ଗ ଛାଡ଼ି ଯାଇଥିବା କିମ୍ବା ଦାଗ ଲାଗିଯାଇଥିବା କାନ୍ଥକୁ ରଙ୍ଗ କରିବାକୁ ପଡିବ। ଘରର ପ୍ରତିଟି କୋଣ ତଥା ଲାଇଟ୍, ଫ୍ୟାନ୍ ଆଦିକୁ ପୋଛି ଅଳନ୍ଧୁ ସଫା କରିବାକୁ ହେବ ଇତ୍ୟାଦି ଇତ୍ୟାଦି। କିନ୍ତୁ ଏସବୁ କାମ କେବଳ ଗୋଟିଏ ଦିନ ନୁହେଁ, ବରଂ ବର୍ଷସାରା କଲେ ନିଜେ ଖୁସିରେ ରହିବା ସହ ଅନ୍ୟମାନଙ୍କୁ ବି ଖୁସିରେ ରଖିପାରିବେ। କାରଣ ଘରଦ୍ୱାରକୁ ପରିଷ୍କାର, ପରିଚ୍ଛନ୍ନ ରଖିଲେ ପ୍ରଥମତଃ ଘର ଜୀବାଣୁ ମୁକ୍ତ ରହିବ। ଦ୍ୱିତୀୟରେ ମା’ ଲକ୍ଷ୍ମୀଙ୍କର କରୁଣା ଲାଭ ହେବ। କାରଣ ବିଶ୍ୱାସ ରହିଛି ଯେ, ପରିଷ୍କାର, ପରିଚ୍ଛନ୍ନ ଘରେ ମା’ ଲକ୍ଷ୍ମୀ ବାସ କରିଥାନ୍ତି। ତୃତୀୟରେ ମନକୁ ବି ଶାନ୍ତି ମିଳିବ। ଅପରିଷ୍କାର ଘରେ ରହିଲେ ମନ ଅବସାଦଗ୍ରସ୍ତ ହୋଇଥାଏ ବୋଲି ମନସ୍ତତ୍ତ୍ୱବିଦ୍‌ମାନେ ମତ ଦେଇଥାନ୍ତି। ତେଣୁ ନିଜ ଘରକୁ କିପରି ସଜାଇ ଆତ୍ମସନ୍ତୋଷ ଲଭିପାରିବେ ସେ ବିଷୟରେ ଏବେ ଚିନ୍ତା କରିବା ଆବଶ୍ୟକ।

# ପାଠକୀୟ

* ସୌନ୍ଦର୍ଯ୍ୟମୟୀ ଚିଲିକାର ସୌନ୍ଦର୍ଯ୍ୟ କାହାକୁ ବା ଆକର୍ଷିତ ନ କରିଛି। କିନ୍ତୁ ତା’ର ସୌନ୍ଦର୍ଯ୍ୟ ଏବେ ନଷ୍ଟହେବାରେ ଲାଗିଛି; ଯାହା ବର୍ତ୍ତମାନ ପରିବେଶବିତ୍‌ଙ୍କ ଚିନ୍ତାର କାରଣ ପାଲଟିଛି। ଏଥିପାଇଁ ସରକାରୀ ସ୍ତରରେ କିଛି ଯୋଜନା ହେଉଥିବାବେଳେ କେତେକ ବ୍ୟକ୍ତିବିଶେଷ ନିଜସ୍ୱ ଉଦ୍ୟମରେ ମଧ୍ୟ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ତେଣୁ ‘ଚିଲିକା ଚିନ୍ତା’କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା। ‘ଖାଲି ରଖିବେ ନାହିଁ କେଉଁ ଜିନିଷ’, ‘ଜନ୍ମମାସରୁ ଜାଣନ୍ତୁ ବ୍ୟକ୍ତିତ୍ୱ’ ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସ୍ୱପ୍ନା ଚୌଧୁରୀ, ପଟିଆ, ଭୁବନେଶ୍ୱର*

* ଏଥରର ପ୍ରଚ୍ଛଦ ପ୍ରସଙ୍ଗ ପୃଷ୍ଠାରେ ସ୍ଥାନିତ ‘ଚିଲିକା ଚିନ୍ତା’ ପାଠରୁ ନୂଆ କିଛି ଜାଣିବାକୁ ମିଳିଥିଲା। ‘ଅଜବ ନିଲାମ’ ପ୍ରସଙ୍ଗଟି ବି ଥିଲା ବହୁ ଅଜବ। ସିନେମା ପୃଷ୍ଠାରେ ସ୍ଥାନିତ ‘ବାଜି ମାରିବ କିଏ’, ‘ଶାହାରୁଖଙ୍କ ନାଁ ଅଭିନବ ରଖିଥିଲେ ଗୌରୀ’ ଏବଂ ‘ଏମର୍ଜେନ୍ସି ପାଇଁ ବନ୍ଧା ପକାଇଲେ ପ୍ରପର୍ଟି’ ଆଦି ପାଠ ପଢ଼ିବା ପରେ ବହୁତ କିଛି ଜାଣିବାକୁ ମିଳିଲା। ମଡେଲ ପୃଷ୍ଠାର ହସକଥା ମଧ୍ୟ ଅଧିକ ମଜାଦାର ଥିଲା। ଆଉ ସବୁଠାରୁ ରୋମାଞ୍ଚକ ଥିଲା ବ୍ୟାକ୍‌ପେଜ୍ ପୃଷ୍ଠାର ‘ଶରୀରରେ ନିଆଁ ଲଗାଇ ଦୌଡ଼ିଲେ’ ପ୍ରସଙ୍ଗଟି।

*– ସୁଦୀପ୍ତ କୁମାର ବେହେରା, ପୁରୁଷୋତ୍ତମପୁର, ଗଞ୍ଜାମ*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ‘ଶିକ୍ଷା ଓ ସାହିତ୍ୟର ବର୍ତ୍ତିକା: ବିଦ୍ୟୁତ୍‌ଲତା ଦାସ’ଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ ‘ସ୍ନେହ ବନ୍ଧନ’ ଶୀର୍ଷକ ଗପଟି ମୋ ମନ କିଣିନେଲା। ସିନେମା ପୃଷ୍ଠାଟି ବି ବହୁ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ ଅଙ୍କିତା ଲୋଖଣ୍ଡେଙ୍କର ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା। ଲେଖକ ଶତ୍ରୁଜିତ୍‌ଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖା ବେଶ୍ ପ୍ରେରଣାଦାୟୀ ହୋଇପାରିଥିଲା। *– ଭ୍ରମରବର ସାହୁ, ବୌଦ୍ଧ*

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ‘ମନ୍‌ସୁନ୍ ଫୁଟ୍‌ୱେର୍’ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ ମିରର୍‌ରେ ଆକାଂକ୍ଷା ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ହାଃ ହାଃ ବି ଖୁବ୍ ମଜାଦାର ହୋଇଥିଲା। ସହର ପୃଷ୍ଠାରୁ ‘ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା କୌସାନୀ’ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ ‘ଘୁଙ୍ଗୁଡ଼ି’ ଶୀର୍ଷକ ଲେଖାଟି ବି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। *– ଅମରେଶ ମହାନ୍ତି, ମାଟିତୋଟା, ପୁରୀ*

* ‘ଥାଳିରେ ନୁହେଁ, ପରଷା ଯାଏ ମଣିଷ ଶରୀର ଉପରେ’, ‘ରୋବୋର ହେବ ଶ୍ୱାସକ୍ରିୟା, ବୋହିବ ଝାଳ’, ‘ବର୍ଷା ହେଉ ନ ଥିବା ଗାଁ’ ଆଦି ପାଠ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହେଇଥିଲା। ସେହିପରି ଏଥରର ବ୍ୟଙ୍ଗ ‘ଗିଳିବାରେ... ନୋ କମ୍ପରମାଇଜ୍’ ପାଠଟି ବି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। *– ଦୀପିକା ତ୍ରିପାଠୀ, ସମ୍ବଲପୁର*

## ବିଶେଷ ଚିଠି





ଚିଲିକା ଚିନ୍ତାକୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ହୋଇଥିଲା ଭାରି ବଢ଼ିଆ
ମନେ ଭରିଲା ଅପାର ଆନନ୍ଦ।
ଅଜବ ନିଲାମ ପାଠଟି
ଲାଗୁଥିଲା ଭାରି ଖାସ୍
ସାଥୀର ଉତ୍ତର ପଢ଼ି
ମନ ହୋଇଗଲା ବିନ୍ଦାସ୍।
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ କରେ ମୁଁ ନିବେଦନ
ଆସନ୍ତନି ଏମିତି ତୁମେ
ପ୍ରତିଦିନ।

*– ଗାୟତ୍ରୀ ପ୍ରଧାନ, ଝାରସୁଗୁଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# କଲାମଙ୍କ କର୍ମଭୂମି






**ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିଶାଇଲମ୍ୟାନ୍ ଡ. ଅବଦୁଲ କଲାମଙ୍କ ଅନ୍ୟତମ କର୍ମଭୂମି ଭାବେ ପରିଚିତ ଭଦ୍ରକର ହ୍ୱିଲର ଦ୍ୱୀପପୁଞ୍ଜ। ପରବର୍ତ୍ତୀ ସମୟରେ ତାହା ଅବଦୁଲ କଲାମ ଆଇଲାଣ୍ଡ ନାମରେ ନାମିତ ହୋଇଛି। ଜୁଲାଇ ୨୭ କଲାମଙ୍କ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କର ସେଇ କର୍ମଭୂମି ସମ୍ପର୍କରେ...**


ଭଦ୍ରକ ଜିଲା, ଚାନ୍ଦବାଲି ତହସିଲ ଅଧୀନରେ ରହିଛି ହ୍ୱିଲର ଦ୍ୱୀପପୁଞ୍ଜ। ଯାହା ୫ଟି ଦ୍ୱୀପର ସମାହାର । ଡିଆର୍‌ଡିଓର ତତ୍କାଳୀନ ନିର୍ଦ୍ଦେଶକ ଡ. ଏପିଜେ ଅବଦୁଲ କଲାମଙ୍କ ଉଦ୍ୟମରେ ପରେ ଏହା ବିଶ୍ୱର ଏକ କ୍ଷେପଣାସ୍ତ୍ର ଘାଟି ଭାବରେ ପରିଚିତ ହେଲା । ଏହି ଦ୍ୱୀପରେ ରହିଛି ଦେଶର ସର୍ବୋଚ୍ଚ ଜ୍ଞାନକୌଶଳ ଓ ଆଧୁନିକ ବିଜ୍ଞାନର ଅନୁଷ୍ଠାନ, ଯାହା ଦେଶର ସାଧାରଣ ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ନିରବଚ୍ଛିନ୍ନ ଭାବେ କାମ କରିଚାଲିଛି। ସମଗ୍ର ପୃଥିବୀର ଏହା ଏକ ସର୍ବୋତ୍କୃଷ୍ଟ କ୍ଷେପଣାସ୍ତ୍ର ଘାଟି, ଯେଉଁଠି ଆଗାମୀ ଦିନରେ ଆହୁରି ଆଧୁନିକ କ୍ଷେପଣାସ୍ତ୍ରମାନ ବିକଶିତ କରାଯିବାର ଯୋଜନା ରହିଛି।

**କେବେଠୁ ହ୍ୱିଲର ଦ୍ୱୀପ–** ହ୍ୱିଲର ଦ୍ୱୀପର ନାମକରଣକୁ ନେଇ କଥାଟିଏ ରହିଛି। ସାର୍ ହେନେରି ହ୍ୱିଲର ବିହାର ଓଡ଼ିଶାର ଲାଟ୍ ସାହେବ (ଗଭର୍ନର) ଥିବା ସମୟରେ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ବିହାର-ଓଡ଼ିଶା ସରକାରର ଜଣେ ମିନିଷ୍ଟର(ଏକ୍‌ଜିକ୍ୟୁଟିଭି କାଉନସିଲର) ଥିଲେ। କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ନିମନ୍ତ୍ରଣକ୍ରମେ ହ୍ୱିଲର କନିକା ଆସିଥିଲେ। ଦିନକ ପରେ କନିକା ମୁହାଣ(ଧାମରା ମୁହାଣ) ଦେଇ ହ୍ୱିଲର ସମୁଦ୍ରରେ ଜଳଯାତ୍ରା ସହ ସମୁଦ୍ରରେ ଥିବା କନିକା ଇଷ୍ଟେଟ ଅଧୀନ ଏକ ଦ୍ୱୀପରେ ରାଜାଙ୍କ ସହିତ ବଣଭୋଜି କରିଥିଲେ। ପରଦିନ ଧାମରାରେ ଅବସ୍ଥାନକରି ଚାନ୍ଦବାଲି ଦେଇ ଭଦ୍ରକକୁ ଯାଇଥିଲେ। ହ୍ୱିଲରଙ୍କ କନିକା ଗସ୍ତର ସ୍ମୃତିକୁ ମନେରଖିବାକୁ ଯାଇ କନିକା ରାଜା ସେହିଦିନଠାରୁ ଏହି ଦ୍ୱୀପାଞ୍ଚଳର ନାମ ହ୍ୱିଲର ଆଇଲାଣ୍ଡ ରଖିଥିଲେ ବୋଲି 'ସୁନାର କନିକା' ପୁସ୍ତକରେ ଲେଖକ ପ୍ରଫୁଲ୍ଲ କୁମାର ଦାସ ଉଲ୍ଲେଖ କରିଛନ୍ତି। ପରବର୍ତ୍ତୀ ସମୟରେ କନିକାର ରାଜସ୍ୱ ବନ୍ଦୋବସ୍ତରେ ହ୍ୱିଲର ନାମଟି ଲିପିବଦ୍ଧ ହୋଇଥିଲା । ଅନ୍ୟ ଏକ ମତାନୁସାରେ ଆୟର୍ଲାଣ୍ଡ ବାସିନ୍ଦା ଇଂରେଜଙ୍କ ଇଷ୍ଟଇଣ୍ଡିଆ କମ୍ପାନୀ ସୈନ୍ୟବାହିନୀ(ବେଙ୍ଗଲ ଆର୍ମି)ର ସେନାନାୟକ ଲ୍ୟୁଟ୍‌ନାଣ୍ଟ ସାର୍ ହଗ୍ ମାସି ହ୍ୱିଲର(୧୭୮୯-୧୮୫୭)ଙ୍କ ନାମାନୁସାରେ ଏହି ଦ୍ୱୀପର ନାମକରଣ କରାଯାଇଛି । ମାତ୍ର ଇତିହାସ ପୃଷ୍ଠାରେ ଓଡ଼ିଶାର ଧାମରା ଉପକୂଳ ସହ ଲ୍ୟୁଟ୍‌ନାଣ୍ଟ ସାର୍ ହଗ୍ ମାସି ହ୍ୱିଲରଙ୍କ ସମ୍ପର୍କ ସମ୍ବନ୍ଧରେ ତଥ୍ୟ ମିଳିନାହିଁ । ସର୍ଟସ୍ ଆଇଲାଣ୍ଡର ନାମକରଣ ନେଇ ବି ସଠିକ୍ ତଥ୍ୟ ନାହିଁ।

**ଏକାଧିକ ବାଲିଦ୍ୱୀପ–** ଚାନ୍ଦବାଲି ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ. ତରଣୀସେନ୍ ପଣ୍ଡା କୁହନ୍ତି, '୧୯୩୧ ମସିହାରେ ଧାମରା ବନ୍ଦରର ସୀମା ନିର୍ଦ୍ଧାରଣ ପାଇଁ ପ୍ରକାଶିତ ମ୍ୟାପ୍‌ରେ ଧାମରା ମୁହାଣରେ ୮ ଟି ବାଲିଦ୍ୱୀପ ଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା । ସମୁଦ୍ର ମଧ୍ୟରେ ତେନ୍ତୁଳିଆ ଚଡ଼ା (ଆଉଟର ହ୍ୱିଲର ଆଇଲାଣ୍ଡ), ନଡ଼ିଆ ବାଲି ଚଡ଼ା(କୋକୋନଟ୍ ଆଇଲାଣ୍ଡ), ବାଳବାଲି ଚଡ଼ା (ସ୍ମଲ୍ ହ୍ୱିଲର ଆଇଲାଣ୍ଡ), ବାବୁ ବାଲି ଚଡ଼ା (ଲଙ୍ଗ ହ୍ୱିଲର ଆଇଲାଣ୍ଡ), ବଡିଘର ବାଲି (ସର୍ଟସ୍ ଆଇଲାଣ୍ଡ) ସମେତ କନିକାବାଲି, ବୁଢ଼ିଆ ଚରା ଓ ନୟାଟାପୁ ପରି ଦ୍ୱୀପଗୁଡ଼ିକୁ ମ୍ୟାପ୍‌ରେ ସ୍ଥାନିତ କରାଯାଇଛି। ୧୯୮୭ ମସିହାରେ ଓଡ଼ିଶା ସରକାର ଚାନ୍ଦବାଲି ତହସିଲ ଅଧୀନ ସମୁଦ୍ର ମଧ୍ୟରେ ଥିବା ୫ଟି ଦ୍ୱୀପର ପୁନଃ ସର୍ଭେ ପରେ ନକ୍ସା ଓ ଖତିଆନ ପ୍ରସ୍ତୁତ କରିଥିଲେ । ୧୯୯୩ ମସିହାରେ କଲାମଙ୍କ ଅନୁରୋଧକ୍ରମେ ରାଜ୍ୟ ସରକାର ହ୍ୱିଲର ଦ୍ୱୀପାଞ୍ଚଳକୁ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ(ଡିଆର୍‌ଡିଓ)କୁ ହସ୍ତାନ୍ତର କରିଥିଲେ ଓ ୧୯୯୪ ମସିହାରେ ହସ୍ତାନ୍ତରର ସମସ୍ତ ନଥିପତ୍ର ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିଲା । ରାଜସ୍ୱ ବିଭାଗର ସଦ୍ୟତମ ତଥ୍ୟ ଆଧାରରେ ମୋଟ ୨୦ଟି ପ୍ଲଟ୍ ବିଶିଷ୍ଟ ଏହି ଦ୍ୱୀପପୁଞ୍ଜର କ୍ଷେତ୍ରଫଳ ପ୍ରାୟ ୪୬୫.୧ ଏକର । ଏଗୁଡିକ ହେଲା ଏପିଜେ ଅବଦୁଲ କଲାମ ଆଇଲାଣ୍ଡ(୨୬୩.୧୩ଏକର), କୋକୋନଟ୍ ଆଇଲାଣ୍ଡ(୯୭.୫ଏକର), ଲଙ୍ଗ୍ ହ୍ୱିଲର ଆଇଲାଣ୍ଡ(୫୨.୫ଏକର), ସର୍ଟସ ଆଇଲାଣ୍ଡ(୪୧.୨୫ଏକର), ସ୍ମଲ ହ୍ୱିଲର ଆଇଲାଣ୍ଡ(୧୦.୬୩ ଏକର) ।

**ଧାନ,ପାନ ଓ ମୀନ ପାଇଁ ବିରୋଧ–** ୧୯୮୦ ମସିହାରୁ ଅଗ୍ନି କ୍ଷେପଣାସ୍ତ୍ରର ପରୀକ୍ଷଣ ପାଇଁ ଏକ ଉପଯୁକ୍ତ ସ୍ଥାନ ସନ୍ଧାନରେ ଥିଲେ କେନ୍ଦ୍ର ସରକାର। ବାଲେଶ୍ୱର ଜିଲା ଚାନ୍ଦିପୁରରେ କ୍ଷେପଣାସ୍ତ୍ର ଘାଟି ପ୍ରତିଷ୍ଠା ପରେ ବାଲିଆପାଳରେ ଏକ ଜାତୀୟ ଟେଷ୍ଟ ରେଞ୍ଜ ପ୍ରତିଷ୍ଠା ପାଇଁ ଯୋଜନା ହେଲା। ଧାନ, ପାନ ଓ ମୀନ(ମାଛ) ଥିଲା ସ୍ଥାନୀୟ ଲୋକଙ୍କର ମୁଖ୍ୟ ବେଉସା । ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ୧ଶହ ୩୦ଟି ଗାଁର ପ୍ରାୟ ୧ଲକ୍ଷ ୩୦ ହଜାର ଲୋକ ପ୍ରଭାବିତ ହେବା ସମ୍ଭାବନା ଥିଲା । ଲୋକଙ୍କ ପ୍ରବଳ ବିରୋଧ ଯୋଗୁ ଶେଷରେ କେନ୍ଦ୍ର ସରକାର ଏହି ପ୍ରକଳ୍ପରୁ ଓହରିଗଲେ । ମାତ୍ର କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ପୂର୍ବ ଉପକୂଳରେ ଜନମାନବ ଶୂନ୍ୟ ଏକ ବିସ୍ତୀର୍ଣ୍ଣ ଅଞ୍ଚଳ ଖୋଜାପଡ଼ିଲା । ନୌସେନାର ଟ୍ରପୋମ୍ୟାପ୍‌ରୁ ଡିଆର୍‌ଡିଓର ନିର୍ଦ୍ଦେଶକ କଲାମଙ୍କ ପ୍ରସ୍ତାବିତ ବାଲିଆପାଳ କ୍ଷେପଣାସ୍ତ୍ର ଘାଟିର ବିକଳ୍ପ ଭାବରେ ଧାମରା ଉପକୂଳରେ ତିନୋଟି ଦ୍ୱୀପକୁ ଚିହ୍ନଟ କଲେ । ତାହା ଥିଲା ଲଙ୍ଗ ହ୍ୱିଲର, ସ୍ମଲ ହ୍ୱିଲର ଓ କୋକୋନଟ୍ ଆଇଲାଣ୍ଡ । ସହଯୋଗୀ ବୈଜ୍ଞାନିକ ଭି.କେ. ସାରସ୍ୱତ ଓ ଏସ୍.କେ. ସାଲୱାନ୍ ପ୍ରଥମେ ଏହି ଦ୍ୱୀପରେ

→









ପାଦଦେଲେ । ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ସୁପାରିସ ପରେ ଏହି ଦ୍ୱୀପ ହସ୍ତାନ୍ତର ପାଇଁ ପ୍ରତିରକ୍ଷା ବିଭାଗ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ଆବେଦନକଲେ ।

**କଲାମ ଓ ବିଜୁବାବୁ–**କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗ ଅଧୀନ ଡିଆର୍‌ଡିଓକୁ ଏହି ୫ଟି ଦ୍ୱୀପ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର ବିଭିନ୍ନ କାରଣ ପାଇଁ ଅରାଜି ଥିଲେ । କଲାମ ଥିଲେ ନଛୋଡବନ୍ଧା । ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କୁ ଭେଟିବାକୁ ଚାହିଁଲେ । ସେତେବେଳେ ଦ୍ୱୀପ ହସ୍ତାନ୍ତର ସମ୍ପର୍କିତ ଫାଇଲଟି ବିଜୁବାବୁଙ୍କ ଟେବୁଲ ଉପରେ ଅନୁମୋଦନ ଅପେକ୍ଷାରେ ଥିଲା । କଲାମ ବିଜୁବାବୁଙ୍କୁ ସଚିବାଳୟରେ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନାକଲେ । ଶେଷରେ ବିଜୁବାବୁ କଲାମଙ୍କୁ କହିଲେ, ଗୋଟିଏ ସର୍ତ୍ତରେ ମୁଁ ଆପଣଙ୍କୁ ଏହି ୫ଟି ଦ୍ୱୀପ ହସ୍ତାନ୍ତର କରିବି । ମୁଁ ନିକଟରେ ଚାଇନା ଗସ୍ତ କରୁଛି । ଆପଣ ଏପରି ଏକ କ୍ଷେପଣାସ୍ତ୍ର ବିକଶିତ କରିବେ ଯାହା ଓଡ଼ିଶାରୁ ଥାଇ ମୋତେ ଚାଇନାରେ ଭେଦକରିବ । କଲାମ ହସି ହସି ଏଥିରେ ସମ୍ମତି ଦେଲେ । ଏହି ଘଟଣାର ୯ ବର୍ଷ ପରେ ହ୍ୱିଲର ଦ୍ୱୀପର ଲଞ୍ଚପ୍ୟାଡ୍‌ରୁ ପ୍ରାୟ ୩ ହଜାର କି.ମି. ଦୂର ଓ ଆଣବିକ ଅସ୍ତ୍ରଶସ୍ତ୍ର ବହନ କ୍ଷମତା ବିଶିଷ୍ଟ ଅଗ୍ନି–୫ର ସଫଳ ପରୀକ୍ଷଣ ସମ୍ଭବତଃ ବିଜୁବାବୁଙ୍କ ପ୍ରେରଣା ବୋଲି କୁହାଯାଇପାରେ । ଭାରତର ଅଗ୍ନି କ୍ଷେପଣାସ୍ତ୍ରର ସଫଳ ଓ ବ୍ୟବହାରିକ ପରୀକ୍ଷଣ ଆମେରିକା, ଚାଇନା ଓ ପାକିସ୍ତାନର ଆଖିରୁ ନିଦ ହଜାଇଦେଇଛି ।

**ବାଲିଚଢ଼ା ହେଲା କ୍ଷେପଣାସ୍ତ୍ର ଘାଟି–**କଲାମଙ୍କ ଅନୁରୋଧକ୍ରମେ ୧୯୯୩ ମସିହାରେ ରାଜ୍ୟ ସରକାର ବିଧିବଦ୍ଧ ଭାବରେ ଏହାକୁ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ(ଡିଆର୍‌ଡିଓ)କୁ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ହସ୍ତାନ୍ତର କରିଥିଲେ । ଏବେ ଏହା ପ୍ରତିରକ୍ଷା ବିଭାଗର କ୍ଷେପଣାସ୍ତ୍ର ଘାଟି ଭାବରେ ପରିଚିତ । ଏଠାକୁ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ । ୧୯୯୩ ନଭେମ୍ବର ୩୦ରେ ସ୍ଥଳଭାଗରୁ ହ୍ୱିଲର ଦ୍ୱୀପର ଲକ୍ଷ୍ୟସ୍ଥଳକୁ ପୃଥିବୀ କ୍ଷେପଣାସ୍ତ୍ର ପ୍ରଥମେ ଭେଦକଲା । ହ୍ୱିଲର ଦ୍ୱୀପର ଏହି ସ୍ଥାନଟି ପୃଥିବୀ ପଏଣ୍ଟ ଭାବରେ ନାମିତ ହୋଇଛି । ଚଢ଼ାରୁ ଆକାଶ, ଅଗ୍ନି, ଅସ୍ତ୍ର, ବ୍ରହ୍ମୋସ୍, ନିର୍ଭୟ, ପ୍ରହାର, ପୃଥିବୀ, ଧନୁଷ୍, ସୌର୍ଯ୍ୟ ପରି କେତେକ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷଣ କରାଯାଇଛି । ଅଦ୍ୟାବଧି ୭୫ରୁ ଅଧିକ କ୍ଷେପଣାସ୍ତ୍ର ଏହାର ବିଭିନ୍ନ ଲଞ୍ଚିଂ ପ୍ୟାଡ୍‌ରୁ ପରୀକ୍ଷଣ ହୋଇସାରିଛି ।

**ଥିଏଟର ଅଫ୍ ଆକ୍ସନ–**ଏହି ଦ୍ୱୀପ କଲାମଙ୍କ ଆବିଷ୍କାର ଥିବାବେଳେ କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ବହୁବାର ସେ ଏଠାକୁ ଆସିଛନ୍ତି । ତାଙ୍କ ଜୀବନର ଅନେକ ସଫଳ ଓ ବିଫଳ ମୁହୂର୍ତ୍ତର ମୂକସାକ୍ଷୀ ହ୍ୱିଲର ଦୀପ । ହ୍ୱିଲର ଦ୍ୱୀପର ବିଭିନ୍ନ ଲଞ୍ଚିଂ ପ୍ୟାଡ୍‌ରୁ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଛି । କଲାମ ଏହି ସମୟରେ ନିଜର ସହଯୋଗୀ ବୈଜ୍ଞାନିକଙ୍କ ସହ ହ୍ୱିଲର ଦ୍ୱୀପରେ ଅବସ୍ଥାନ କରିଥାଆନ୍ତି । ଦ୍ୱୀପର ନୀରବତା ତାଙ୍କ ଜନ୍ମସ୍ଥାନ ତାମିଲନାଡୁର ସମୁଦ୍ରକୂଳିଆ ସହର ରାମେଶ୍ୱରମର ସ୍ମୃତିକୁ ମନେପକାଇଦିଏ । ହ୍ୱିଲର ଦ୍ୱୀପ ତାଙ୍କ ଥିଏଟର ଅଫ୍ ଆକ୍ସନ ବୋଲି ସେ ଜୀବନୀ ପୁସ୍ତକ 'ୱିଙ୍ଗସ୍ ଅଫ୍ ଫାୟାର'ରେ ବର୍ଣ୍ଣନା କରିଛନ୍ତି । ଏଠାରେ ମୁଖ୍ୟତଃ ଝାଉଁ ଜାତୀୟ ଜଙ୍ଗଲ ରହିଛି । ଦ୍ୱୀପର ନୀରବ ସମୁଦ୍ର ଜଙ୍ଗଲର ପାଦଧୋଇ ଦେଉଥିବାର ଦୃଶ୍ୟ ତାଙ୍କୁ 'ମାଇଁ ଜର୍ନି' ପୁସ୍ତକର କବିତା ଲେଖିବାକୁ ପ୍ରେରଣା ଯୋଗାଇଛି ।

**ପୂଜ୍ୟପୂଜାର ପରମ୍ପରା–** କଲାମଙ୍କ ଦେହାନ୍ତ ପରେ ତାଙ୍କ ସ୍ମୃତିରେ ହ୍ୱିଲର ଦ୍ୱୀପର ନାମ ଏପିଜେ ଅବଦୁଲ କଲାମ ଦ୍ୱୀପ ରଖିବାକୁ ଓଡ଼ିଶା ସରକାର ୪ ସେପ୍ଟେମ୍ବର ୨୦୧୫ରେ ଘୋଷଣା କରିଥିଲେ । ଆଶା କରାଯାଇଥିଲା ସମସ୍ତ ୫ଟି ଦ୍ୱୀପର ନାମକୁ ପରିବର୍ତ୍ତନ କରାଯାଇ ଗୋଟିଏ ନାମ ରଖାଯିବ । ଏକକାଳୀନ ୫ଟି ରାଜସ୍ୱ ମୌଜାର ନାମ ପରିବର୍ତ୍ତନ, ରାଜ୍ୟ ଓ କେନ୍ଦ୍ରର ସମସ୍ତ ନଥିପତ୍ରରେ ସଂଶୋଧନ ଏକ ଜଟିଳ ପ୍ରକ୍ରିୟା ଥିବା ବେଳେ କେନ୍ଦ୍ର ସରକାରଙ୍କର ଗୃହ ମନ୍ତ୍ରଣାଳୟର ଅନୁମତିର ଆବଶ୍ୟକତା ମଧ୍ୟ ରହିଥିଲା । ଶେଷରେ ରାଜ୍ୟ ସରକାର କେବଳ ଗୋଟିଏ ଦ୍ୱୀପ (ଆଉଟର ହ୍ୱିଲର ଦ୍ୱୀପ)ର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ । ସରକାରଙ୍କ ଘୋଷଣା ପରେ କାଗଜପତ୍ର ସଂଶୋଧନରେ ବିଳମ୍ବ ପାଇଁ ତହସିଲ, ଜିଲା, ରାଜ୍ୟ ସରକାରଙ୍କ ଜମିଜମା ସଂକ୍ରାନ୍ତୀୟ ପୋର୍ଟାଲ ଭୂଲେଖ ଓ ଏନ୍‌ଆଇସିରେ ତଥ୍ୟ ଅପ୍‌ଡେଟ୍‌ରେ ବିଳମ୍ବ ହୋଇଥିଲା । ୨୦୧୭ ଡିସେମ୍ବରରେ କାଗଜପତ୍ର ସଂଶୋଧନ ପରେ ସମସ୍ତ ନଥିପତ୍ର ଓ ଭୂଲେଖ ପୋର୍ଟାଲରେ କେବଳ ଆଉଟର ହ୍ୱିଲର ଦ୍ୱୀପଟି ଏବେ ଏପିଜେ ଅବଦୁଲ କଲାମ ଦ୍ୱୀପ ଭାବରେ ଉଲ୍ଲେଖ ରହିଛି । ଅନ୍ୟ ୪ଟି ଦ୍ୱୀପର ନାମ ପୂର୍ବପରି ହ୍ୱିଲରଙ୍କ ନାମ ସହ୍ ଯୋଡ଼ିହୋଇ ରହିଛି । ମା'ଧାମରାଈ ମତ୍ସ୍ୟଜୀବୀ ସଂଘର ପ୍ରତିଷ୍ଠାତା ସମ୍ପାଦକ ତଥା ବର୍ତ୍ତମାନର ଉପଦେଷ୍ଟା ବୟସ୍କ ମତ୍ସ୍ୟଜୀବୀ ପ୍ରଫୁଲ୍ଲ କୁମାର ଜେନା କୁହନ୍ତି, ୧୯୯୩ ମସିହାର ଶୀତଦିନର କଥା । ତେନ୍ତୁଳିଆ ଚଢ଼ାର ପ୍ରଥମ କ୍ଷେପଣାସ୍ତ୍ର ପରୀକ୍ଷା ବେଳେ ମୁଁ ଚଢ଼ା ନିକଟରେ ଥିଲି । ଏହି ସମୟରେ ମତ୍ସ୍ୟଜୀବୀ ସଂଘର କେତେକ ମୋଟର ବୋଟ୍ ଚଢ଼ାର ସୁରକ୍ଷା କାମରେ ଲାଗିଥିଲା । ବାଲେଶ୍ୱର ଚାନ୍ଦିପୁରରୁ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ହୋଇ ଜନମାନବଶୂନ୍ୟ ତେନ୍ତୁଳିଆ ଚଢ଼ାରେ ଏହାର ଲକ୍ଷ୍ୟଭେଦ କରିବାକୁ ଯୋଜନା ହୋଇଥିଲା । କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ବାହାରର ଲୋକ ଚଢ଼ା ମଧ୍ୟକୁ ଯିବାକୁ ବାରଣ କରିବାରୁ ଆମେ ଚଢ଼ାର ଚାରିପାଖରେ ସମୁଦ୍ର ମଝିରେ ବୋଟ୍‌ରେ ଜଗି ରହିଥିଲୁ । କ୍ଷେପଣାସ୍ତ୍ର ପଡ଼ିବା ପାଇଁ ଚଢ଼ା ମଧ୍ୟରେ ଏକ ସ୍ଥାନରେ ଧଳାରଙ୍ଗର ଗାର କଟାଯାଇ ଲକ୍ଷ୍ୟସ୍ଥଳର ଚିହ୍ନ ଦିଆଯାଇଥିଲା । ପ୍ରଥମ କ୍ଷେପଣାସ୍ତ୍ର ପରୀକ୍ଷଣର ପ୍ରାୟ ୧୫ ଦିନ ପୂର୍ବରୁ ଚଢ଼ାରେ ଥିବା ମଇଁଷିଙ୍କୁ ନିକଟସ୍ଥ କାଳିଭଞ୍ଜଡିଆଁ ଜଙ୍ଗଲକୁ ସ୍ଥାନାନ୍ତର କରାଯାଇଥିଲା । କଲାମଙ୍କ ସମ୍ପର୍କରେ ସେ କୁହନ୍ତି , କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପରେ ଚାନ୍ଦିପୁରରୁ ହେଲିକପ୍ଟରରେ କଲାମ ତେନ୍ତୁଳିଆ ଚଢ଼ାରେ ପହଞ୍ଚିଥିଲେ । ସେଠାରୁ କାମସାରି ତାଙ୍କର ହେଲିକପ୍ଟର ଧାମରାଈ ପଡ଼ିଆରେ ପହଞ୍ଚିଥିଲା । ଲମ୍ବା ଚୁଟି, ହାଫ୍‌ପ୍ୟାଣ୍ଟ ଏବଂ ଟି–ଶାର୍ଟ ପିନ୍ଧିଥିବା କଲାମ ପଡ଼ିଆରେ ହେଲିକପ୍ଟରରୁ ଓହ୍ଲାଇଲେ । ପଡ଼ିଆରୁ ଥାଇ ମାଆ ଧାମରାଈଙ୍କୁ ନମସ୍କାର କରି ସମ୍ଭବତଃ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ଧାମରାର ଅଧିଷ୍ଠାତ୍ରୀ ଦେବୀଙ୍କୁ କୃତଜ୍ଞତା ଜଣାଇ ଫେରିଯାଇଥିଲେ । ସେଦିନର ଚଢ଼ାରେ ଧଳାଗାର ଟଣାଯାଇ ଲକ୍ଷ୍ୟସ୍ଥଳ ଚିହ୍ନଟ ହୋଇଥିବା ସ୍ଥାନଟି ଆଜି ପୃଥିବୀ ପଏଣ୍ଟ ଭାବରେ ପରିଚିତ ।

**ପ୍ରକୃତି ସହ ପ୍ରଗତିର ସହାବସ୍ଥାନ–** ଧାମରା ଉପକୂଳବର୍ତ୍ତୀ ଅଞ୍ଚଳରେ ସମୁଦ୍ର ମୁଖ୍ୟତଃ ଶାନ୍ତ । ଏହି ଅଞ୍ଚଳରେ ମେରାଇନ ପୋଲିସ, କୋଷ୍ଟଗାର୍ଡ ଓ ନାଭାଲର ରହିଛି ତ୍ରିସ୍ତରୀୟ ସୁରକ୍ଷା । ଅଲିଭ ରିଡ୍‌ଲେ କଇଁଛଙ୍କ ସାମୂହିକ ଅଣ୍ଡାଦାନ ସ୍ଥଳ ଗହୀରମଥାଠାରୁ ଏହା ଜଳପଥରେ ନିକଟ । ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଅଲିଭ ରିଡ୍‌ଲେ କଇଁଛଙ୍କ ସାମୂହିକ ଅଣ୍ଡାଦାନ ସମୟରେ ସମୁଦ୍ର ମଧ୍ୟରେ ପଇଁତରାର ବ୍ୟବସ୍ଥା ହୋଇଛି । ଏଠାରେ କ୍ଷେପଣାସ୍ତ୍ର ଘାଟି ତିଆରି ହେବା ପରେ ୨ବର୍ଷ ପର୍ଯ୍ୟନ୍ତ ଅଲିଭ ରିଡ୍‌ଲେ କଇଁଛମାନେ ଅଣ୍ଡା ଦେବାକୁ ଆସିଲେ ନାହିଁ । କଇଁଛ ଶାବକମାନେ ଦ୍ୱୀପର ପ୍ରଖର ଓ କୃତ୍ରିମ ଆଲୋକରେ ବାଟବଣା ହେବା ଏହାର ଏକ କାରଣ ବୋଲି ପରିବେଶବିତ୍ ଡିଆର୍‌ଡିଓ ନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଥିଲେ । ତତ୍କାଳୀନ ନିର୍ଦ୍ଦେଶକ କଲାମଙ୍କ ନିର୍ଦ୍ଦେଶରେ ୧୯୯୮ ମସିହାରୁ କଇଁଛଙ୍କ ଅଣ୍ଡାଦାନ ସମୟରେ ହ୍ୱିଲର ଦ୍ୱୀପର ରାତ୍ରକାଳୀନ ଆଲୋକକୁ ନିଷ୍ପ୍ରଭ(ଡିମ୍) କରାଯାଇଥାଏ । ଏହା ସହ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସମୟରେ ମୁଖ୍ୟତଃ ଡିସେମ୍ବରରୁ ଫେବୃୟାରୀ ମଧ୍ୟରେ ଏଠାରେ କ୍ଷେପଣାସ୍ତ୍ର ପରୀକ୍ଷଣକୁ ବାରଣ କରାଯାଇଛି ।

**– ଅଶୋକ କୁମାର ପଣ୍ଡା**









# ନିଆରା ଛତା



ବର୍ଷା ହେଉ କି ଖରା ଛତାର ଆବଶ୍ୟକତା ପ୍ରାୟ ସବୁବେଳେ ରହିଥାଏ। ଖାସ୍ ସେଥିପାଇଁ ଏହାର ଅନେକ ଡିଜାଇନ ଆଉ ଭେରାଇଟି ଦେଖିବାକୁ ମିଳେ। କିନ୍ତୁ ଏଠାରେ ଯେଉଁ ଛତାଗୁଡ଼ିକ ସମ୍ପର୍କରେ କୁହାଯାଉଛି ତାହା ବର୍ଷା ଓ ଖରା ଦାଉରୁ ସୁରକ୍ଷା ଦେବ ସତ, କିନ୍ତୁ ନିଜର ଅଜବ ଡିଜାଇନ ପାଇଁ କାହାର ବି ଦୃଷ୍ଟି ଆକର୍ଷଣ କରିପାରିବ ...





**✽ ଗଗଲ୍ସ ଅମ୍ବ୍ରେଲା:** ଗଗଲ୍ସ ବା ଚଷମା। ଚଷମା ଡିଜାଇନ ଥିବା ଏହି ଛତାକୁ ଧରିଲେ ଅନେକ ସୁବିଧା ମିଳିଥାଏ। ଖରା ହେଉ କି ବର୍ଷାଦିନେ ଏହି ଛତା ଧରି ଯିବାବେଳେ ଏଥିରେ ଥିବା ଉକ୍ତ ଚଷମା ଡିଜାଇନକୁ ଆଖି ସାମ୍ନାରେ ରଖିଲେ ବାହାରର ଦୃଶ୍ୟକୁ ଆରାମରେ ଦେଖିହୁଏ। କାରଣ ଏହି ଚଷମାର ଡିଜାଇନ୍ ଟ୍ରାନ୍ସପରେଣ୍ଟ ହୋଇଥାଏ। ଫଳରେ ଆଉ ଛତାକୁ ଆଖି ଉପରକୁ ଟେକିବାକୁ ପଡ଼େ ନାହିଁ।

**✽ ଡୁଆଲ ଅମ୍ବ୍ରେଲା:** ଏହି ଛତାକୁ ଦେଖିଲେ ଲାଗିବ ସତେ ଯେମିତି ଦୁଇଟି ଛତା ଏକାଠି ଛନ୍ଦିହୋଇ ରହିଛି। କିନ୍ତୁ ପ୍ରକୃତରେ ତାହା ନୁହେଁ। ଏହାର ଡିଜାଇନ ହିଁ ସେମିତି ହୋଇଥାଏ। ଏହି ଡୁଆଲ ଅମ୍ବ୍ରେଲା ଯୋଗୁ ଲୋକଙ୍କୁ ବହୁତ ସାହାଯ୍ୟ ମିଳେ। ଏକକାଳୀନ ୨/୩ଜଣ ଲୋକ ବେଶ୍ ଆରାମରେ ଏହି ଛତାରେ ଯାଇପାରିବେ। ବିଶେଷକରି ଦମ୍ପତିଙ୍କ ପାଇଁ ଏହି ଛତା ନିଆରା ଆନନ୍ଦ ଦେଇଥାଏ।

**✽ ଫୁଲ୍ ବଡି ଅମ୍ବ୍ରେଲା:** ବର୍ଷାଦିନେ ଏହି ଛତା ମୁଣ୍ଡ ସହ ସମ୍ପୂର୍ଣ୍ଣ ଶରୀରକୁ ଓଦା ହେବାରୁ ରକ୍ଷା କରିଥାଏ। କାରଣ ଏହି ଛତାର ଚାରିପଟେ ଏକ ଲମ୍ବା ଟ୍ରାନ୍ସପରେଣ୍ଟ ଜରି ଲାଗିଥାଏ ; ଯାହା ବ୍ୟକ୍ତିଙ୍କର ପାଦ ପର୍ଯ୍ୟନ୍ତ ପଡ଼ିଥାଏ। ଫଳରେ ଏହା ମଧ୍ୟରେ ଆରାମରେ ଜଣେ ବ୍ୟକ୍ତି ନିଜକୁ ପୂରା ସୁରକ୍ଷିତ ରଖିପାରିବେ। ଏପରିକି ବର୍ଷା ହେଉଥିବା ସମୟରେ ଏହି ଛତା ଧରି ରାସ୍ତାରେ ଚାଲିଚାଲି ଗଲାବେଳେ ବି ପୋଷାକ ଓଦାହେବାର ଭୟ ନ ଥାଏ।

**✽ ହ୍ୟାଣ୍ଡ ଫ୍ରି ଅମ୍ବ୍ରେଲା:** ଏହି ଛତାର ଡିଜାଇନ ଏମିତି ହୋଇଥାଏ ଯେ, ଏହାକୁ ହାତରେ ଧରିବାର ଆବଶ୍ୟକତା ପଡ଼ି ନ ଥାଏ। ବରଂ କାନ୍ଧରେ ଏହାକୁ ଗଳାଇ ଦୁଇ ହାତରେ ଜିନିଷପତ୍ର ଧରି ବର୍ଷା ହେଉ କି ଖରାରେ ଆରାମରେ ଯାଇହୁଏ।

**✽ ହ୍ୟାଟ୍ ଅମ୍ବ୍ରେଲା:** ଏହା ବି ଏକ ପ୍ରକାର ହ୍ୟାଣ୍ଡ ଫ୍ରି ଛତା। ଏହି ଛତାରେ ଏକ ସ୍ୱତନ୍ତ୍ର ଧରଣର ଫିତା ଲାଗିଥାଏ, ଯାହାକୁ ମୁଣ୍ଡରେ ଗଳାଇ ଦେଲେ ଛତା ମୁଣ୍ଡ ଉପରେ ସିଧା ହୋଇ ରହିଯାଏ। ଫଳରେ ମୁଣ୍ଡ ଉପରେ ବର୍ଷାପାଣି କି ସୂର୍ଯ୍ୟକିରଣ ପଡ଼ିପାରେ ନାହିଁ। କିନ୍ତୁ ଏହି ଛତାର ଆକାର ସେତେ ବଡ଼ ହୋଇ ନ ଥିବାରୁ ଏହା କେବଳ ମୁଣ୍ଡକୁ ସୁରକ୍ଷା ଦେଇପାରେ ହେଲେ ଶରୀରର ଅନ୍ୟ ଅଙ୍ଗକୁ ନୁହେଁ।

**✽ ଫୋଲ୍ଡେବଲ୍ ରେନ୍‌କୋଟ୍ ଅମ୍ବ୍ରେଲା:** ଏହାର ଡିଜାଇନକୁ ଦେଖିଲେ ଛତା ଭଳି ଲାଗେ ନାହିଁ ବରଂ ଏକ ବଡ଼ ସାଇଜ୍‌ର ୱାଟରପ୍ରୁଫ୍ ହ୍ୟାଟ୍ ପରି ଦେଖାଯାଏ। କିନ୍ତୁ ପ୍ରକୃତ ପକ୍ଷେ ଏହା ବି ହେଉଛି ଏକ ହ୍ୟାଣ୍ଡ ଫ୍ରି ଛତା। ବର୍ଷାଦାଉରୁ ଏହା ମୁଣ୍ଡକୁ ବେଶ୍ ସୁରକ୍ଷା ଦେଇଥାଏ। ରେନ୍‌କୋଟ୍ କପଡ଼ାରେ ତିଆରି ହୋଇଥିବା ଏହି ଛତାକୁ ଆରାମରେ ଫୋଲ୍ଡ ବି କରିହୁଏ। ବର୍ଷାଦିନେ କୁଆଡ଼େ ବୁଲିବାକୁ ଗଲାବେଳେ ମଧ୍ୟ ଏହାକୁ ବ୍ୟାଗ୍‌ରେ ଫୋଲ୍ଡକରି ସୁବିଧାରେ ସାଙ୍ଗରେ ନେଇହୁଏ।










ଅମିୟବାଳା ପଟ୍ଟନାୟକ

# ସେବା, ସାହିତ୍ୟ ପ୍ରତି ସମର୍ପିତ




ସେବା ଓ ସାହିତ୍ୟ ପ୍ରତି ସମର୍ପିତ ତାଙ୍କ ସମଗ୍ର ଜୀବନ। ଓଡ଼ିଆ ସାହିତ୍ୟ ଜଗତରେ କେବଳ ସେ ଜଣେ ଆଗଧାଡ଼ିର ସାହିତ୍ୟିକା ନୁହନ୍ତି, ଉଭୟ ଅଧ୍ୟାପନା ଓ ସମାଜ ସେବାରେ ତାଙ୍କର ରହିଛି ଯଥେଷ୍ଟ କୃତିତ୍ୱ। ସେ ହେଲେ କବୟିତ୍ରୀ ଅମିୟବାଳା ପଟ୍ଟନାୟକ। ୧୯୪୯ ମସିହାରେ ଗଞ୍ଜାମ ଜିଲାର ବ୍ରହ୍ମପୁର ସହରରେ ତାଙ୍କ ଜନ୍ମ । ସେହିଠାରେ ହିଁ ଶିକ୍ଷା ଓ କର୍ମମୟ ଜୀବନର ଆରମ୍ଭ। ବାପା ଭିକାରୀ ଚରଣ ପଟ୍ଟନାୟକ ଓ ବୋଉ ରଜନୀରାଣୀ ପଟ୍ଟନାୟକ। ୩ ଭାଇଭଉଣୀଙ୍କ ମଧ୍ୟରୁ ସେ ଥିଲେ ବଡ଼। ପିଲାଦିନୁ ପାଠପଢ଼ା ପ୍ରତି ଥିଲା ତାଙ୍କର ଗଭୀର ଆକର୍ଷଣ। ପାଠପଢ଼ା ସହ ଖେଳିବା ବୁଲିବାରେ ଆଗ୍ରହୀ ଥିବା ଅମିୟବାଳା ସମୟେ ସମୟେ ନୀରବରେ ବସି ବିଭିନ୍ନ କଥା ଚିନ୍ତା କରନ୍ତି। ବଡ଼ ହୋଇ ସମାଜ ପାଇଁ କିଛି ଭଲ କାମ କରିବାର ଲକ୍ଷ୍ୟ ଖୁବ୍ ଛୋଟ ବେଳୁ ଉଙ୍କି ମାରୁଥିଲା ତାଙ୍କ ମନରେ। ସ୍କୁଲ ଦିଦିମାନଙ୍କୁ ଦେଖି ସେ ଭାବି ବସନ୍ତି, ମୁଁ ମଧ୍ୟ ବଡ଼ ହୋଇ ଏହିପରି ପାଠ ପଢ଼ାଇବି । ବୟସ ବୃଦ୍ଧି ସହ ଆସ୍ତେ ଆସ୍ତେ ତାଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସିଲା ସେ ବୁଝିଲେ ଯେ, ପ୍ରକୃତ ଶିକ୍ଷା ଦ୍ୱାରା ମନୁଷ୍ୟର ଅନ୍ତର୍ନିହିତ ଶକ୍ତି ବିକଶିତ ହୁଏ ଓ ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷାର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହାପରେ ସେ ଶିକ୍ଷକତା ପାଇଁ ମନ ବଳାଇଲେ। ଇତିମଧ୍ୟରେ ସେ ସ୍କୁଲ ଶିକ୍ଷା ସମାପ୍ତକରି ବ୍ରହ୍ମପୁର ସରକାରୀ ମହାବିଦ୍ୟାଳୟରେ ଅଧ୍ୟୟନ ଜାରି ରଖିଥିଲେ। ପଞ୍ଚମ, ଷଷ୍ଠରେ ପଢୁଥିବା ସମୟରେ ଛୋଟ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଗପ, କବିତା ଓ ବଡ଼ଲୋକଙ୍କ ଜୀବନୀ ପଢ଼ିବା ପରେ ଲେଖାଲେଖି ପ୍ରତି ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା। ସେ କୁହନ୍ତି, 'ମୋ ଲେଖା ଲେଖି ଦିଗରେ ବାପା,ବୋଉଙ୍କର ଢେର ପ୍ରେରଣା ରହିଥିଲା। ୧୯୭୧ରେ ବ୍ରହ୍ମପୁର ମହିଳା ମହାବିଦ୍ୟାଳୟର ଛାତ୍ରୀ ଥିବାବେଳେ ମୁଁ ଓଡ଼ିଆ ସାହିତ୍ୟ ସମାଜର ସମ୍ପାଦିକା ଓ ୧୯୭୪ ମସିହାରେ ଭାସ୍କର ଗନ୍ତାୟତଙ୍କ ପ୍ରତିଷ୍ଠିତ ଆର୍ଯ୍ୟାବର୍ତ୍ତାର ସୌଜନ୍ୟ ସମ୍ପାଦକ ଥିଲି। ୧୯୭୫ ମସିହାରେ ମୋର ପ୍ରଥମ କବିତା ପ୍ରଜାତନ୍ତ୍ରରେ ପ୍ରକାଶ ପାଇଥିଲା। ଏହାପରେ ଧରିତ୍ରୀ, ସମାଜ, ସମ୍ବାଦ, ଝଙ୍କାର, ନବରବି, ଆସନ୍ତାକାଲି ଇତ୍ୟାଦି ଓଡ଼ିଶାର ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ ହେଲା।' ଅଦ୍ୟାବଧି ସେ ଓଡ଼ିଆ ବାଣୀଭଣ୍ଡାରକୁ ଭେଟି ଦେଇଛନ୍ତି ଅନେକ କବିତା ଓ ଅନୁବାଦ ପୁସ୍ତକ। ନୀରବତାର ସ୍ୱରଲିପି, ଅମୃତାକ୍ଷର, ବସନ୍ତ ରାଗ, ଚିତ୍ରିତ ଶାମୁକା, ହୃଦୟ ଗଙ୍ଗା, ଏକତ୍ର, ତସ୍ଲିମାର ଚାନ୍ଦ, ରାଗ ବିରାଗ, ବସନ୍ତ ରାଗ, କଲ୍ୟାଣୀ, ଜୟନ୍ତୀ, ଅପରାଜିତା, ଅମୃତା, ତ୍ରିଶୂଳ,ଜଳ,ଅରଣ୍ୟର ଅଧିକାର,ଭାଗ୍ୟ ଇତ୍ୟାଦି। ଏହା ପାଠକାଦୃତ ହେବା ସହ ତାଙ୍କୁ ଦେଇଛି ଏକ ଭିନ୍ନ ପରିଚୟ। ଅମିୟବାଳା ୧୯୭୪ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ସ୍ନାତକୋତ୍ତର ସହ ଏମ୍‌ଏଡ୍ ଡିଗ୍ରୀ ହାସଲ କରିଛନ୍ତି । ସେ କୁହନ୍ତି, 'ଶିକ୍ଷକତା କରିବାର ଅଭିଳାଷ ରଖି ମୁଁ ଆଗେଇ ଚାଲିଥାଏ। ସେତେବେଳେ ଆମ ଘର ପାଖରେ ୪ ଜଣ ଦୃଷ୍ଟିବାଧିତ ପିଲାଙ୍କୁ ନେଇ ବିଜୟ ରଥ ନାମକ ଜଣେ ଶିକ୍ଷକ ପାଠ ପଢ଼ାଉଥାଆନ୍ତି। ଏମିତି ଦିନେ ବୁଲି ବୁଲି ସେଠାରେ ପହଞ୍ଚିଥିଲି । ସେଠାକାର ପରିବେଶ ଖୁବ୍ ଭଲ ଲାଗିଲା। ପିଲା ମାନଙ୍କୁ ଦେଖି ଇଚ୍ଛା ହେଲା ସେହିଠାରୁ ଶିକ୍ଷକତା ଜୀବନ ଆରମ୍ଭ କରିବି। ପ୍ରଥମ ଦିନରୁ ହିଁ ମୋ ମନରେ ଏକ ବିରାଟ ପରିବର୍ତ୍ତନ ଆସିଲା। ନିଜକୁ ନିଜେ ପ୍ରଶ୍ନକଲି ସାଧାରଣ ପିଲାମାନଙ୍କୁ ପଢ଼ାଇବା ପାଇଁ ଅନେକ ସ୍କୁଲ କଲେଜ ରହିଛି। ସେମାନେ ସମାଜରେ ପ୍ରତିଷ୍ଠିତ ହେବା ଖୁବ୍ ସହଜ। କିନ୍ତୁ ଭିନ୍ନକ୍ଷମ ପିଲା ପକ୍ଷରେ ଏହା କଷ୍ଟକର। ଯଦି ମୁଁ ଏମାନଙ୍କୁ ଶିକ୍ଷାଦାନ କରି ସମାଜରେ ପ୍ରତିଷ୍ଠିତ ଓ ଆତ୍ମନିର୍ଭରଶୀଳ କରିବାରେ ସହଯୋଗ କରିପାରିବି ତେବେ ମୋ ଜୀବନରେ କୌଣସି ଏକ ଭଲ କାମ କରିଛି ଭାବି ଅନ୍ତିମ ସମୟ ଆନନ୍ଦରେ କାଟିପାରିବି। ସେହିଦିନଠାରୁ ଆରମ୍ଭହେଲା ଏକ ନୂତନ ପ୍ରୟାସ। ସେଇ ଛୁଆମାନଙ୍କୁ କୋଳେଇ ଏକ ବିରାଟ ପରିବାରର ସ୍ୱପ୍ନ ଦେଖିଥିଲି, ସାରା ଜୀବନ ଅବିବାହିତ ରହିବାର ନିଷ୍ପତ୍ତି ନେଇ। କାହିଁକି ନା ବିବାହ ମୋତେ ସେମାନଙ୍କଠାରୁ ଦୂରେଇଦେବ। ଡ. ସତ୍ୟନାରାୟଣ ରାଓଙ୍କ ସହଯୋଗରେ ଆମେ ବିଦ୍ୟାଳୟ ଖୋଲିଲୁ। ଭିନ୍ନକ୍ଷମ ପିଲାଙ୍କୁ ପଢ଼ାଇବାର ସ୍ୱତନ୍ତ୍ର ଶିକ୍ଷା ମୁଁ କଲିକତାରୁ ଶେଷକରି ୧୯୭୫ ମସିହାରେ ସ୍କୁଲରେ ନିଯୁକ୍ତି ପାଇଲି। ମୋ ଜୀବନର ଅନେକ ଖୁସି ମୁହୂର୍ତ୍ତ ସେଠାରେ ବିତିଛି ପିଲାମାନଙ୍କ ସ୍ନେହ ଆଦରରେ, ମନ ଆତ୍ମତୃପ୍ତିରେ ଭରିଯାଇଛି। ଦୃଷ୍ଟିବାଧିତ ପିଲାଟି ସମାଜରେ ପ୍ରତିଷ୍ଠିତ ହୋଇ ନିଜସ୍ୱ ପରିଚୟ ସୃଷ୍ଟିକଲେ ସେହି ମୁହୂର୍ତ୍ତ ମୋ ପାଇଁ ଶ୍ରେଷ୍ଠ ମୁହୂର୍ତ୍ତ ପାଲଟିଯାଏ। ଶିକ୍ଷକତା ସମୟ ମଧ୍ୟରେ ମୁଁ ଗୋଟିଏ ବର୍ଷ ଆନ୍ଧ୍ରପ୍ରଦେଶର ଦେବରାପଲ୍ଲୀସ୍ଥିତ ନବୋଦୟ ବିଦ୍ୟାଳୟର ଅଧକ୍ଷା ଭାବେ କାର୍ଯ୍ୟ ନିର୍ବାହ କରିଥିଲି। କିନ୍ତୁ ଏଇ ପିଲାମାନଙ୍କର ମମତାରେ ଭିଡ଼ି ହୋଇ ପୁନଶ୍ଚ ମୁଁ ବ୍ରହ୍ମପୁର ଫେରିଆସିଲି।





ଇତିମଧ୍ୟରେ ଶିକ୍ଷୟିତ୍ରୀ ଜୀବନରୁ ଅବସର ନେଇ ସାରିଛନ୍ତି ଅମିୟବାଳା। ଓଡ଼ିଶା ସାହିତ୍ୟ ଏକାଡେମୀ, ଜନଶିକ୍ଷା ସାଧନା କେନ୍ଦ୍ର ଭୁବନେଶ୍ୱରର ପୂର୍ବତନ ସଦସ୍ୟା ଓ ବ୍ରହ୍ମପୁର କଳିଙ୍ଗ ସାହିତ୍ୟ ସମାଜ, ଓଡ଼ିଶା ଲେଖିକା ସଂସଦ, ବ୍ରହ୍ମପୁର ପୁସ୍ତକମେଳା କମିଟି ଓ ରେଡ୍‌କ୍ରସ୍‌ର ଆଜୀବନ ସଦସ୍ୟା କବୟିତ୍ରୀ ଅମିୟବାଳା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (ଅନୁବାଦ ପୁସ୍ତକ ), କଳିଙ୍ଗ ସାହିତ୍ୟ ସମାଜ ବ୍ରହ୍ମପୁର, କସ୍ତୁରୀ ସମ୍ମାନ, ଉପେନ୍ଦ୍ର ଭଞ୍ଜ ଫାଉଣ୍ଡେଶନ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ସତ୍ୟବାଦୀ ସମ୍ମାନ, ଚଲାପଥ ସମ୍ମାନ, ଅନୁବାଦ ପାଇଁ ଝଙ୍କାର ସମ୍ମାନ ଇତ୍ୟାଦି ନିଜର ସାହିତ୍ୟ ସାଧନା ନିମନ୍ତେ ବହୁ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି ।

–ପ୍ରିୟମ୍ବଦା ରଥ
ଆର୍.କେ.ପୁରମ୍ , ସେକ୍ଟର ୪,ନୂଆଦିଲ୍ଲୀ
ମୋ:୦୮୬୮୯୫୬୮୦୦








## ଅନୁଚିନ୍ତା

**ନିର୍ମଳଚନ୍ଦ୍ର ଶୂରଦେଓ**

ମୁଁ ମୋତେ ଭଲପାଇଛି ବୋଲି
ବଞ୍ଚି ରହିଛି ଆଜିଯାଏ,
ବିଶ୍ୱାସକୁ ନିଜର କରିଛି
ମୃତ୍ୟୁକୁ ସାମନା କରିଛି
ଆଗକୁ ପାଦ ପକାଇବା ପାଇଁ
ସାହାସ ବାନ୍ଧୁଛି।

ଅନ୍ୟକୁ ଚିହ୍ନିବା, ଚିହ୍ନେଇବା ପାଇଁ
ସମୟ ନାହିଁ ଏବେ।

ପାରୁଛ ତ ନିଜକୁ ତନ୍ନତନ୍ନ କରି
ଖିନଭିନ୍ କରି ଦେଖିନିଅ,
କେତେ ଅମୃତ ଓ  ବିଷ
ଭରି ରହିଛି ତମ ଭିତରେ।

ଅମୃତ ଯଦି ନ ପାଉଛ
ତେବେ ଭୁଲିଯାଅ,
ବିଷକୁ ଟାଣିଆଣ
ନିଜ ଭିତରକୁ
ନିଜେ ନିଳକଣ୍ଠ ସାଜି
ଅନ୍ୟକୁ ଅମୃତ ବାଣ୍ଟ।

ନିଆଁକୁ ନ ଫୋପାଡି
ନିଜ ଭିତରକୁ ଟାଣିନିଅ
ନିଜେ ଜଳିଯାଅ ପଛେ
ଅନ୍ୟକୁ ଜଳିବାରୁ ମୁକ୍ତି ଦିଅ।

*-ସମ୍ପାଦକ ପରମ୍ପରା,*
*ପୁରୁଣା ସହର, ନୟାଗଡ*
*ମୋ: ୯୯୩୮୩୦୯୬୫୨*

---

## ମୁଁ

**-ରଜତ ମହାନ୍ତି**

ମୁଁ ମଲା ପରେ
ଏ ଧରାପୃଷ୍ଠରେ
କିଛି ବଦଳିବ ନାହିଁ,
ଛକରେ ମୋ ମୂର୍ତ୍ତି
ରଖିଲା ପରାଏ
କାମ ବି ମୁଁ କରି ନାହିଁ,
କାହା ନୟନରେ
ଦି ଦିନ ରହିବି
ବଦଳିବ ନାମ ଫଳକ ମୋର
ତା'ପରେ ମୋ' ଫଟୋ
ଉପରେ ଅଳନ୍ଧୁ
ଧୂଳି ଲାଗି କଳା କର୍ପୂରମାଳ।

*– ବଳଗଣ୍ଡି, ପୁରୀ*
*ମୋ: ୮୯୦୮୦୬୬୫୬୨*

# ଅନ୍ଧପୁତୁଳି

**– ତପସ୍ୱିନୀ ଦାଶ ଷଡ଼ଙ୍ଗୀ**

ରାଧିକା ଦେବୀ ଫୋନ୍‌ର ଶବ୍ଦ ଶୁଣି ଧାଇଁଗଲେ। କାଳେ କିଛି ଭଲ ଖବର ଆସିଥିବ । ତାଙ୍କ ଝିଅ ରୀତା ଦ୍ୱିତୀୟ ଥର ମାଆ ହେବାକୁ ଯାଉଛି । ଜ୍ୱାଇଁ ଶକ୍ତି ଗଲା କାଲି ତାକୁ ହସ୍ପିଟାଲ୍‌ରେ ଭର୍ତ୍ତି କରି ଖବର ଦେଇଥିଲେ ।
ହ୍ୟାଲୋ.. ! ହଁ ଶକ୍ତି କୁହ । ଆଉ ରୀତାର ଏଥର ପୁଅଟିଏ ହେଲା ନା।
ମୁଁ ଜାଣିଛି ପରା ଏଥର ଠାକୁର ଶୁଣିବେ ମୋ ଡାକରା, ଶେଷ ଥର ମୋ ପ୍ରାର୍ଥନାରେ ଅଭାବ ଥିଲା ବୋଧେ ସେଥିପାଇଁ ଝିଅଟିଏ ହେଲା। ଗୋଟେ ନିଶ୍ୱାସରେ କହିଗଲେ ରାଧିକା।
ନାଇଁ ବୋଉ ଏଥର ମୃତ କନ୍ୟା ସନ୍ତାନଟିଏ ଜନ୍ମ ହେଲା। ରୀତା ଦୁଃଖରେ ଭାଙ୍ଗି ପଡିଛି। ଆପଣ ଟିକେ ଆସନ୍ତେନି ତା'କୁ ଟିକେ ସାନ୍ତ୍ୱନା ଦରକାର କହି ଫୋନ୍ ରଖିଦେଲେ ଶକ୍ତି। ରାଧିକା ଦେବୀ ବାହାରି ପଡିଲେ ଝିଅ ରୀତା ପାଖକୁ। ଯାଇ ପହଞ୍ଚି ଦେଖନ୍ତି ତ ରୀତା ବହୁତ କାନ୍ଦୁଛି । ଦାନା ଟିକିଏ ମୁହଁରେ ଦେଇନି। ରାଧିକା ଦେବୀ ବୁଝାଶୁଝା କରି କିଛି ଖୁଆଇ ଦେଲେ ଝିଅକୁ। ତଥାପି ବି ରୀତାର ମନ ବୁଝୁ ନଥାଏ। ରିତାକୁ ସାଙ୍ଗରେ ନେଇ ଘରକୁ ଆସିଲେ । ପଡିଶା ଘର ସୁଚି ଖୁଡ଼ୀ ଆସିଥିଲେ ରିତାକୁ ଦେଖା କରିବାକୁ । ରିତାକୁ ବୁଝେଇବା ଛଳରେ କହୁ କହୁ ତାଙ୍କ ପାଟିରୁ ବାହାରିଗଲା.. ଶକ୍ତିଙ୍କର ପ୍ରାଇଭେଟ୍ ଚାକିରୀ। ତୁମ ପାଖରେ ତ ଗୋଟିଏ ଝିଅ ଅଛି.. ଆଉ ଗୋଟେ ଝିଅ ପୁଣି... । ଆମ ଗାଁ ପାଖ ସେ ଶମ୍ଭୁ ବାବାଜୀଙ୍କ ଠାରୁ ବିଭୂତି ତୋ' ବୋଉ ହାତରେ ପଠେଇଥିଲି କିଛି କାମ ଦେଲାନି କେମିତି କେଜାଣି ? ହଉ ଛାଡ୍ ଯାହା ହେବାର ଥିଲା ହେଲା। ଭଗବାନ କଲେ ବହୁତ ଜଲଦି ଗୋଟେ ପୁଅ ତୋ କୋଳରେ ଖେଳିବ। ଖୁଡ଼ୀ... ଏମିତି କେମିତି କହି ପାରୁଛ ? ରାଧିକା ଦେବୀ ବି ମୌନ,ସମ୍ମତି ଲକ୍ଷଣ ପରି ସବୁ ଶୁଣୁଥିଲେ ହେଲେ କିଛି କହୁନଥିଲେ। ସେ ବି ନାତିଟିଏ ପାଇଁ ଶହେ ଆଠ ନଡ଼ିଆ ଭାଂଗିବେ ବୋଲି ଯାଚିଛନ୍ତି।
ଦାଦା ସାଧାରଣ ପିଅନ ହୋଇ ତାଙ୍କ ପୁଅକୁ ତ ବଡ଼ ଅଫିସର କରିଛନ୍ତି। କେବେ କୌଣସି ଅବହେଳା କରି ନାହାନ୍ତି। ପୁଅ ବୋଲି ସବୁ ସ୍ୱାଧୀନତା ଦେଇଦେଲେ ବୋଲି ସେ ମଦ ପିଇ ସବୁବେଳେ ଦାଦା ଖୁଡିଙ୍କୁ ଦୁହିଁଙ୍କୁ ମାରଧର କରୁଛି । ଖୁଡି କହିଲା ଭଳି ପୁଅ ନର୍କରୁ ଉଧାରୁଛି ନା ଯନ୍ତ୍ରଣା ନର୍କ ଭିତରକୁ ଠେଲି ଦେଇଛି ? ନିଜକୁ ନିଜେ କହୁଥିଲା ରୀତା । କହିଲେ ଖୁଡିଙ୍କି ବାଧିବ । ଯାହାହେଲେ ମାଆ ମନ । ପ୍ରସବ ବେଦନା କ'ଣ ପୁଅ ଆଉ ଝିଅ ପାଇଁ ଅଲଗା ଅଲଗା ! ଦଶ ମାସ ଦଶ ଦିନ ଗର୍ଭାବସ୍ଥାରେ କ'ଣ ପୁଅମାନେ କମ୍ କଷ୍ଟ ଦିଅନ୍ତି ! ଗୋଟେ ମା' ପାଇଁ ପ୍ରତିଟି ସନ୍ତାନ ସମାନ। ବିଜ୍ଞାନ ଅନୁସାରେ ପୁଅ କି ଝିଅ ସନ୍ତାନ ହେବା ସ୍ୱାମୀ ଉପରେ ନିର୍ଭର କରୁଛି । ତେବେ ମନ୍ତ୍ର ବିଭୂତି, ଡେଉଁରିଆ ପିନ୍ଧିବି ଝିଅଟିଏ ଜନ୍ମ ହେଲେ ନିନ୍ଦା ନାରୀର ! ଚେତା ଫେରିଲା ବେଳକୁ ମୃତ ଶିଶୁର ଚେହେରା ବି ଭଲରେ ଦେଖିପାରିଲାନି । ଧୋବା ଫର ଫର ବଡ଼ ଛୁଆଟେ ହୋଇଥିଲା । ସେ କଣ ଜନ୍ମ ପୂର୍ବରୁ ଜାଣିଦେଲା ତାକୁ ଆଦର ମିଳିବନି ବୋଲି ! ଲୁହ ଧାରେ ବହିଗଲା ରୀତାର। ରାଧିକା ତା ଆଖିରୁ ଲୁହ ପୋଛି ଦେଉ ଦେଉ କହିଲେ କାହିଁକି କାନ୍ଦୁଛୁ ପାଗଳୀ । ଆର ଥରକୁ ନିଶ୍ଚୟ ପୁଅ ହେବ । ଯାହା ହୋଇଛି ଭଲ ହୋଇଛି ।
ଭଲ କିଛି ହୋଇନି ବୋଉ । ମୋ ଝିଅ ଥିଲା ସେ ଯିଏ ମରିଗଲା । କାହିଁକି ପୁଅ ପୁଅ ହେଉଛ ସବୁ ? ତୁ ତ ଭାଇକୁ ଜୀବନ ଠାରୁ ଅଧିକ ଭଲ ପାଉ। ସେ କାହିଁକି ତା' ସ୍ତ୍ରୀ କଥାରେ ତୋ ପାଖ ଛାଡି ଭଡ଼ାଘରେ ରହିଛି ? ଖୁଡି କେଉଁ ପୁଅସୁଖ ପାଉଛନ୍ତି ? ଲୁହ ମିଶା କୋହକୁ ଏକାଠି କରି ରୀତା କହିଲା ସେଇ ଗୋଟିକ ଝିଅ ମୋର ପୁଅ ହୋଇ ଥାଉ । ଆଉ ପ୍ଲିଜ ମୋତେ ଯାହା କହିଲୁ କହିଲୁ, ଶକ୍ତିଙ୍କ ମୁଣ୍ଡରେ ଏଇ ପୁଅ ଭୁତ ପଶାନା ।

*-ବାଙ୍ଗାଲୋର*
*ମୋ: ୮୪୩୧୩୦୯୩୦୪*



## ଅଲରା ସ୍ୱପ୍ନ

**-ମଧୁମିତା ଦାଶ**

ହଁ, ସ୍ୱପ୍ନ ତ ରଙ୍ଗୀନ ଲାଗେ ସଭିଙ୍କୁ
କାଳେ ବାସ୍ତବକୁ ଜିଇଁବାରେ
ଲୋଡାପଡେ ଅଦମ୍ୟ ନିଶା
ଆଉ ଭରପୁର ସାହସ।

କିନ୍ତୁ, ମୋ ପାଇଁ ସ୍ୱପ୍ନ ସଦା ରଙ୍ଗୀନ
ଆଉ ଏଇ ମୁହୂର୍ତ୍ତ ବି।

ଜାଣିଛ କାହିଁକି.... ? ? ?
କାହିଁକି ନା ସ୍ୱପ୍ନରେ ଥାଅ ତୁମେ
ଆଉ ମୁହୂର୍ତ୍ତରେ ଆମେ ଦୁହେଁ।

ସତରେ କି ଲୋଡ଼ାପଡେ
ଅନ୍ୟ ଯେତେ ରଙ୍ଗର ଆୟୋଜନ !!!
ମୋତେ ତ ଲାଗେ..
ପ୍ରତିଟି ସୋପାନରେ
ବିଞ୍ଚି ହୋଇ ପଡିଛି
ଆଶା ଆଉ ଆକାଂକ୍ଷାର
ମୁଠା ମୁଠା କେତେ ରଙ୍ଗ
ସଜେଇଲେ ହୋଇପାରେ
ଗୋଟେ ସୁନ୍ଦର ଆଳ୍ପନା ।
ମୁଁ କିନ୍ତୁ ସଜାଇବାକୁ ଚାହେଁନି
ଲୋଡା ମୋତେ ଏମିତି ଅଲରା
ଅସଜଡା ରଙ୍ଗର ଦୁନିଆଟେ
ଯେଉଁଠି ସଜେଇବାକୁ ସେସବୁ
ତୁମକୁ ହିଁ ଚାହୁଁଥିବି
ଆମ ବାସ୍ତବ ରଙ୍ଗରେ।

*-ନିୟୁ ଫରେଷ୍ଟ କଲୋନୀ*
*ମୋ: ୯୭୨୩୫୫୦୭୭୯*



ସନାୟା

# ଖୁସିର ରହସ୍ୟ

**ଆ**ଉ ଜଣେ ଷ୍ଟାର କିଡ୍ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସେ ହେଲେ ସନାୟା କପୁର। ଏ ହେଉଛନ୍ତି ସଞ୍ଜୟ କପୁରଙ୍କ କନ୍ୟା। ଶୁଣିବାକୁ ମିଳୁଥିଲା ଯେ କରନ ଜୋହରଙ୍କ ବ୍ୟାନରରେ ସେ ଡେବ୍ୟୁ କରିବେ। ହେଲେ ଏଭଳି ଆଲୋଚନାରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ଏହି ନବାଗତା। ଏ ନେଇ ସନାୟା କହନ୍ତି, ‘ଏକ ପ୍ୟାନ୍-ଇଣ୍ଡିଆ ଫିଲ୍ମରୁ ମୁଁ ମୋ ଆକ୍ଟିଂ କ୍ୟାରିୟର ଆରମ୍ଭ କରିବାକୁ ଯାଉଛି। ଫିଲ୍ମଟିର ଟାଇଟଲ ରହିଛି ‘ବୃଷଭ’। ଏଥିରେ ଅଭିନୟ କରିବାକୁ ମୋତେ ଯେତେବେଳେ ଅଫର ମିଳିଲା ସେତେବେଳେ ମୁଁ କେତେ ଖୁସି ହୋଇଥିଲି ତାହା ବର୍ଣ୍ଣନା କରିପାରିବି ନାହିଁ। କାରଣ ଏଥିରେ ମୋହନଲାଲଙ୍କ ପରି ନାମୀ ଅଭିନେତା ଅଭିନୟ କରୁଛନ୍ତି। ଏହି ଫିଲ୍ମଟିକୁ ନେଇ ଅନେକ ଆଶା ରଖିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।’ ଏଥିରେ ସଲମା ଆଗାଙ୍କ କନ୍ୟା ଜାରା ମଧ୍ୟ ବଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ନନ୍ଦ କିଶୋର। ଅଭିଷେକ ବ୍ୟାସ, ବିଶାଲ ଗୁରାନି, ଜୁହି ପ୍ରକାଶ ମେହେଟ୍ଟା, ଶ୍ୟାମ ସୁନ୍ଦର, ଏକତା କପୁର, ଶୋଭା କପୁର ଏବଂ ବରୁଣ ମାଥୁର ଏହାର ପ୍ରଯୋଜନା କରିଛନ୍ତି। ତେବେ ଫିଲ୍ମଟି ସନାୟାଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଦୃଢ଼ମନା ଅମରିନ୍



ଅମରିନ୍

**ବ**ଲିଉଡ୍ ଭଳି ବଡ ପ୍ଲାଟଫର୍ମରେ ସିନେମାଟିଏ ପାଇବା କ'ଣ ସହଜ କଥା ? ଅନେକଙ୍କର ଏହି ଆଶା ଅପୂରଣ ହୋଇ ରହିଯାଏ। ଗତ ବର୍ଷ ହିନ୍ଦୀ ସିନେମା ‘ବ୍ୟାଡ୍ ବୟ’ରୁ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ ନବାଗତା ଅମରିନ୍ କ୍ୟୁରେସୀ। ଏକ କଳାକାର ପରିବାରରେ ତାଙ୍କର ଜନ୍ମ। ବାପା ସାଜିଦ କ୍ୟୁରେସୀ ଜଣେ ପ୍ରଯୋଜକ। ଖାସ୍ କଥା ହେଲା ମିଥୁନ ଚକ୍ରବର୍ତ୍ତୀ ତାଙ୍କ ପୁଅ ନମାଷୀଙ୍କୁ ବ୍ରେକ୍ ଦେବାକୁ ନିର୍ମାଣ କରିଥିଲେ ‘ବ୍ୟାଡ୍ ବୟ’। ସାଜିଦ୍‌ଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମରେ ନାୟିକା ହେବାର ସୁଯୋଗ ମିଳିଥିଲା ଅମରିନ୍‌ଙ୍କୁ। ହେଲେ ରୋମାଣ୍ଟିକ-କମେଡି ଭିତ୍ତିକ ଏହି ଚିତ୍ରଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ହେଲେ ସେଥିରେ ଭାଙ୍ଗି ପଡି ନ ଥିଲେ ସେ। ନିଜ କ୍ୟାରିୟର ସମ୍ପର୍କରେ ଅମରିନ୍ କହନ୍ତି, ‘ପ୍ରଥମ ସିନେମା ଯଦି ଫ୍ଲପ୍ ହେଲା ତେବେ ମନଦୁଃଖ ହେବା ତ ସ୍ୱାଭାବିକ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏଇଠୁ ସବୁକିଛି ଶେଷ ହୋଇଗଲା ବୋଲି ଭାବିନେବି। ମୋ ସାମ୍‌ନାରେ ଲମ୍ବା ରାସ୍ତା ପଡିଛି। ପ୍ରଥମ ସିନେମାରୁ ଅନେକ କିଛି ଶିଖିଛି। ଏଣିକି ନିଜ କ୍ୟାରିୟର ପ୍ରତି ଆହୁରି ସିରିୟସ ହେବି।’ ଶ୍ରୀଦେବୀଙ୍କ ଦ୍ୱାରା ଅନୁପ୍ରାଣିତ ଅମରିନ୍‌ଙ୍କର ରୋଲ୍ ମଡେଲ ହେଉଛନ୍ତି ଶାହରୁଖ ଖାଁ। ଏବେ ତାଙ୍କ ହାତରେ କେତୋଟି ତେଲୁଗୁ ଫିଲ୍ମ ରହିଛି।

# କ୍ୟାଟ୍ରିନାଙ୍କ ପୂଜାପାଠ

**କ୍ୟା**ଟ୍ରିନା କୈଫ ଏବେ ପୂଜାପାଠରେ ବ୍ୟସ୍ତ। ଗତ କିଛି ଦିନ ଧରି ସେ ନିୟମିତ ମନ୍ଦିର ଯାଉଛନ୍ତି। ହେଲେ ହଠାତ୍ ଏଭଳି ଭାବନା ତାଙ୍କ ମନରେ ଉଦ୍ରେକ ହେଲା କାହିଁକି? ହଁ, ଏହା ପଛରେ ଏକ କାରଣ ରହିଛି। ନିକଟରେ ତାଙ୍କ ଜନ୍ମଦିନ ଅବସରରେ ସେ ଜଣେ ପଣ୍ଡିତଙ୍କ ନିକଟକୁ ଯାଇଥିଲେ। ସେଠାରେ ପହଁଞ୍ଚି ତାଙ୍କର ଆଶୀର୍ବାଦ ନେଇଥିଲେ। ଆଲୋଚନା ସମୟରେ ତାଙ୍କୁ କିଛି ଦିନ ମନ୍ଦିର ଯାଇ ପୂଜାପାଠ କରିବାକୁ ପରାମର୍ଶ ଦେଇଥିଲେ ସେ। ଏ ନେଇ କ୍ୟାଟ୍ରିନା କହନ୍ତି, ‘ମୋର ପୂଜାପାଠରେ ଗଭୀର ବିଶ୍ୱାସ ରହିଛି। ମୋର ପ୍ରତିଟି ସିନେମା ଆରମ୍ଭ ଏବଂ ରିଲିଜ ସମୟରେ ମୁଁ ନିକଟସ୍ଥ ମନ୍ଦିର ଯାଇ ପୂଜାପାଠ କରିଥାଏ। ନିକଟରେ ମୋ ଜନ୍ମଦିନ ଅବସରରେ ପଣ୍ଡିତ ଜଗନ୍ନାଥ ଗୁରୁଜୀଙ୍କୁ ମୁଁ ଭେଟିବାକୁ ଯାଇଥିଲି। ତାଙ୍କର ଆଶୀର୍ବାଦ ନେବା ସମୟରେ ସେ ମୋତେ କିଛି ଦିନ ମନ୍ଦିର ଯାଇ ପୂଜାପାଠ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ଏହାପଛରେ ସେଭଳି କିଛି ସ୍ୱତନ୍ତ୍ର କାରଣ ନାହିଁ।’ କ୍ୟାଟ୍ରିନାଙ୍କ ଅଭିନୀତ ‘ଟାଇଗର-୩’ ଚଳିତ ବର୍ଷ ନଭେମ୍ବର ୧୦ରେ ରିଲିଜ ହେବାକୁ ଯାଉଛି। ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏବଂ ମନୀଷ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଛନ୍ତି ସଲମାନ ଖାଁ।




କ୍ୟାଟ୍ରିନା

# କଥା ରହିଲା

**ଯା**ହାହେଉ ଏତେଦିନ ଧରି ଚାଲିଥିବା ଆଲୋଚନାର ମଧୁର ଫଳ ମିଳିଛି। କଥା କ'ଣ କି, ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ରକୁଲ୍ ପ୍ରୀତ ସିଂଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଆଉ ତାଙ୍କ ସହ ଯୋଗାଯୋଗ କରିଥିଲେ। ରକୁଲ୍ ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହେବାପରେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ କିଛି ଥର ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ରକୁଲ୍ କହନ୍ତି, ‘ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ପ୍ରଯୋଜକ ମୋ ସହ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ଏବେ ମୋ ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ଆଉ ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।’ ତେବେ ଏହି ଭୂମିକା ରକୁଲଙ୍କ କ୍ୟାରିୟରରେ କି ମୋଡ଼ ଆଣୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

# ମନେ ପଡେ ସେହି ଦରଖାସ୍ତ

**ବ**ଲିଉଡ୍‌ର ହି-ମ୍ୟାନଭାବେ ଧର୍ମେନ୍ଦ୍ର ବେଶ୍ ପରିଚିତ। ତାଙ୍କର ଅଭିନୟ କେତେ ଜୀବନ୍ତ ତାହା କହିବା ଅନାବଶ୍ୟକ। ଭୂମିକାଟି ଯେପରି ହେଉନା କାହିଁକି ତାହାକୁ ତୁଲାଇବାରେ ସେ ବେଶ୍ ସିଦ୍ଧହସ୍ତ। ଆଉ ଏଇ ଅଭିନୟର ନିଶା ତାଙ୍କୁ ପିଲାଟି ଦିନରୁ ହିଁ ଘାରି ଥିଲା। ଏକଦା ସେ ଏହି କଥା ତାଙ୍କ ମା'ଙ୍କୁ କହିଥିଲେ। ଉତ୍ତରରେ ମା' କହିଥିଲେ, ‘ତୁ ଯଦି ପ୍ରକୃତରେ ଅଭିନୟ କରିବାକୁ ଚାହୁଁଛୁ, ତେବେ ଏ ନେଇ ଗୋଟିଏ ଦରଖାସ୍ତ ଲେଖ।’ ତା'ପରେ ଧର୍ମେନ୍ଦ୍ର ଫିଲ୍ମଫେୟର ନ୍ୟୁ ଟ୍ୟାଲେଣ୍ଟ ହଣ୍ଟକୁ ଏକ ଦରଖାସ୍ତ ଲେଖିଥିଲେ। ସେଠାରେ ସତେ ଯେମିତି ସୁଯୋଗଟିଏ ତାଙ୍କୁ ଅପେକ୍ଷା କରିଥିଲା। ଇଣ୍ଟରଭ୍ୟୁରେ ସେ ପାସ୍ କଲେ। ଆଉ ପଞ୍ଜାବରୁ ମୁମ୍ବାଇ ଆସିଥିଲେ। ୧୯୬୦ରେ ଧର୍ମେନ୍ଦ୍ର ବଲିଉଡ୍‌ରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଫିଲ୍ମଟିର ଟାଇଟଲ ଥିଲା ‘ଦିଲ୍ ଭି ତେରା ହମ୍ ଭି ତେରେ’। ଏ ନେଇ ଧର୍ମେନ୍ଦ୍ର କହନ୍ତି, ‘ଯେତେବେଳେ ମୁଁ ଆକ୍ଟିଂ କଥା ମା'ଙ୍କୁ କହିଲି, ସେତେବେଳେ ସେ ମୋତେ ଏକ ଦରଖାସ୍ତ ଲେଖିବାକୁ କହିଥିଲେ। ଯଦି ସେ ଏଭଳି ସଜେସନ ଦେଇ ନ ଥାନ୍ତେ ତେବେ ମୁଁ ଆଜି ଜଣେ ଅଭିନେତା ହୋଇପାରି ନ ଥାନ୍ତି।’ ଆକ୍ସନ ଭୂମିକାରେ ତାଙ୍କର ପ୍ରଭାବଶାଳୀ ଅଭିନୟ ପାଇଁ ସେ ବଲିଉଡ୍‌ର ବେଶ୍ ପରିଚିତ।




ଧର୍ମେନ୍ଦ୍ର




ଅରିନ୍ଦମ

# ନୀରବତା ପରେ...

**ଓ**ଲିଉଡ୍‌ର ଆକ୍ସନ ଷ୍ଟାର ଅରିନ୍ଦମ ଗତ କିଛି ବର୍ଷ ହେବ ପରଦା ଠାରୁ ଦୂରରେ ଥିଲେ। ହେଲେ ଏଥର ସେ ଦମଦାର କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି। ହୋମ ବ୍ୟାନର ରତ୍ନା ଫିଲ୍ମସରେ ନିର୍ମିତ ହେବାକୁ ଯାଉଥିବା ନୂଆ ସିନେମାରେ ସେ ନାୟକ ସାଜୁଛନ୍ତି। ଏହି ବ୍ୟାନରରେ ପ୍ରସ୍ତୁତ ହେଉଥିବା ଚତୁର୍ଥ ଫିଲ୍ମର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ହେଲେ ଏହାର ଟାଇଟଲ ଘୋଷଣା କରାଯାଇନାହିଁ। ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତି। ଖାସ୍ କଥା ହେଲା ଚଳିତ ବର୍ଷ ଦଶହରାରେ ଅରିନ୍ଦମ ପୁଣି ଥରେ ବଡ ପରଦାରେ ଦେଖାଦେବେ। ଏ ନେଇ ଅରିନ୍ଦମ କହନ୍ତି, ‘ଏହି ସିନେମାଟିର କାହାଣୀରେ ନୂତନତ୍ୱ ରହିଛି। ଦର୍ଶକ ଏହି ଫିଲ୍ମରୁ ଭିନ୍ନ ସ୍ୱାଦ ପାଇବେ। କାରଣ ସେମାନଙ୍କ ମନକୁ ଛୁଇଁଲା ଭଳି କାହାଣୀଟିଏ ଚୟନ କରାଯାଇଛି। ଯେହେତୁ ଫିଲ୍ମଟି ଦଶହରାରେ ରିଲିଜ ହେବ ତେଣୁ ଏହାର ପ୍ରତିଟି ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ତେବେ ଏଥିରେ କି ମସଲା ରହିଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ।’ ବ୍ରଜରାଜ ମୁଭିଜ ବ୍ୟାନରରେ ନିର୍ମିତ ‘ପ୍ରେମ ଋତୁ ଆସିଲାରେ’ରୁ ଅରିନ୍ଦମ ଓଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତେବେ ଅରିନ୍ଦମ କମ୍‌ବ୍ୟାକ୍ କରୁଥିବା ଏହି ସିନେମାର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଭାରଦ୍ୱାଜ ପଣ୍ଡା। ଷ୍ଟାରକାଷ୍ଟ ତଥା ଫିଲ୍ମର ଟାଇଟଲ ନିକଟରେ ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଚଳଚ୍ଚିତ୍ରର ପ୍ରଚାର ପ୍ରସାରରେ ମିଡ଼ିଆ ପ୍ଲାନରର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ଅଛନ୍ତି।



ରକୁଲ୍

## ପ୍ରଥମ ରୋଜଗାର

# ପ୍ରଥମ ଦରମା ମାଆଙ୍କୁ ଦେଇଥିଲି



ସାହିତ୍ୟିକ ଇଂ.ଅଶୋକ କୁମାର ପଟ୍ଟନାୟକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଇଞ୍ଜିନିୟରିଂ ପଢ଼ା ସରିବା ପରେ ଚାକିରି ପାଇଁ ମତେ ଷ୍ଟ୍ରଗଲ୍ କରିବାକୁ ପଡ଼ି ନ ଥିଲା। ମୁଁ ମୋ ଘରେ ବିଭିନ୍ନ ପ୍ରକାରର ଫୁଲଗଛ ଓ ରଙ୍ଗିନ ଗ୍ରାଫ୍ଟିଙ୍ଗ୍ କାକ୍ଟସ୍ ସଂଗ୍ରହ କରି ରଖିଥିଲି; ଯିଏ ବି ଦେଖୁଥିଲେ ପ୍ରଶଂସା ନ କରି ରହିପାରୁ ନ ଥିଲେ। ମୋର ଜଣେ ବନ୍ଧୁ ଦାର୍ଜିଲିଂ ନିକଟସ୍ଥ କାଲିଂପୋଙ୍ଗରେ ରହୁଥିଲେ। ମୋ ଆଗ୍ରହ ଓ ସଉକ ଦେଖି ସେ ମତେ ବିଭିନ୍ନ ପ୍ରକାରର କଲର୍ କାକ୍ଟସ୍ ଯୋଗେଇ ଦେଇଥିଲେ। ଗୋଟେ ସମୟରେ ୧୦୦ରୁ ଅଧିକ କଲର୍ ଗ୍ରାଫ୍ଟିଙ୍ଗ୍ କାକ୍ଟସ୍ ମୋ ପାଖରେ ଥିଲା। ମୋ ସାଙ୍ଗର ମାମୁ ଦିନେ ଆମ ଘରକୁ ଆସିଥିଲେ ଆଉ ମୋର ଏହିସବୁ କଲେକ୍ସନ ଦେଖି ଖୁସିରେ ଆତ୍ମହରା ହୋଇପଡ଼ିଲେ। ସେ ମତେ କହିଲେ, 'ଆସନ୍ତାକାଲି ରାଉରକେଲା କ୍ଲବରେ ଫୁଲ ଓ ଫୁଲଗଛର ଏକ ପ୍ରଦର୍ଶନୀ ହେବାର ଅଛି, ତୁମେ ଭାଗ ନିଅ ବହୁତ ପ୍ରଶଂସା ସାଉଁଟିବ।' ତାଙ୍କ ସହାୟତାରେ ମୁଁ ସେହି ପ୍ରଦର୍ଶନୀରେ ଭାଗନେଲି। ପ୍ରଥମ ଉଦ୍‌ଘାଟନୀ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଅନେକ ସିନିୟର୍ ଏକ୍‌ଜିକ୍ୟୁଟିଭ୍ ସବୁ ଆସିଥିଲେ। ପ୍ରାୟ ୨୫ଟି ଷ୍ଟଲ ଲାଗିଥିଲା କିନ୍ତୁ ମୋ ଷ୍ଟଲରେ ପ୍ରଚୁର ଭିଡ଼ ହୋଇଥିଲା। ସେହି ଭିଡ ଭିତରୁ କୋଟ୍ ଟାଇ ପିନ୍ଧିଥିବା ଜଣେ ଭଦ୍ରଲୋକ ମତେ କହିଲେ, 'ସବୁ କାକ୍ଟସ୍ ମତେ ଦେଇଦିଅ, ଆଉ କେତେ ଟଙ୍କା ନେବ କୁହ।' ମୁଁ କିନ୍ତୁ ମନା କରି କହିଲି, 'ସାର୍ ମୋର ହବି ଆଉ ସଉକକୁ ମୁଁ ବିକି ପାରିବି ନାହିଁ।' ସେ ମୋ ସ୍ପଷ୍ଟ ଉତ୍ତରରେ ବହୁତ ଖୁସି ହେଲେ ଆଉ ମୋ ସହ କଥା ହୋଇ ଜାଣିବାକୁ ପାଇଲେ ଯେ, ମୁଁ ଜଣେ ମେକାନିକାଲ ଇଂଜିନିୟରିଂ ଛାତ୍ର ବୋଲି। ବହୁତ ଖୁସି ହେଲେ ଓ ମତେ କିଛି ସାଧାରଣ ପ୍ରଶ୍ନ ଏବଂ ଟେକ୍ନିକାଲ ପ୍ରଶ୍ନ ପଚାରିଥିଲେ। ତା'ପରେ ତାଙ୍କ ଭିଜିଟିଂ କାର୍ଡଟିକୁ ମତେ ବଢ଼ାଇ ଦେଇ କାଲି ସକାଳେ ହୋଟେଲରେ ତାଙ୍କୁ ଦେଖାକରିବାକୁ କହି ସେଠାରୁ ଚାଲିଗଲେ। ମୁଁ ସେହି ଭିଜିଟିଂ କାର୍ଡରୁ ଜାଣିପାରିଲି ଯେ, ସେ ଜଣେ ବହୁତ ବଡ଼ ଘରୋଇ କମ୍ପାନୀର ଚେୟାରମ୍ୟାନ, ଭିଲାଇରେ ରୁହନ୍ତି। ତା'ପରଦିନ ସକାଳେ ଫଟୋ ଓ ମୋର ସବୁ ସାର୍ଟିଫିକେଟ ନେଇ ତାଙ୍କ ପାଖରେ ପହଞ୍ଚିଲି। ସେ ତାଙ୍କ ମ୍ୟାନେଜରଙ୍କୁ ଡାକି ମୋ ସହ ପରିଚୟ କରାଇଦେଲେ ଓ କହିଲେ ଆସନ୍ତାକାଲି ଜଏନ୍ କରିବା ପାଇଁ। ମୁଁ ବିଶ୍ୱାସ କରିପାରୁ ନ ଥିଲି। ଖୁସିରେ ଆତ୍ମହରା ହୋଇ ଘରର ସମସ୍ତଙ୍କୁ ଏବଂ ମୋ ସାଙ୍ଗମାନଙ୍କୁ ଚାକିରି ହୋଇଯିବା କଥା ଜଣାଇଲି। ମାଆ କହିଲେ, କାଲି ଶନିବାର ଅଛି ତେଣୁ ସାର୍‌ଙ୍କୁ ଅନୁରୋଧ କର ସୋମବାର ଦିନ ଜଏନ୍ କରିବା ପାଇଁ। ମୁଁ ସଙ୍ଗେସଙ୍ଗେ ହୋଟେଲକୁ ଯାଇ ସାର୍‌ଙ୍କୁ ଦେଖାକରି ଅନୁରୋଧ କଲି ସୋମବାର ଦିନ ଜଏନ୍ କରିବା ପାଇଁ। ସେ ରାଜି ହୋଇଗଲେ। ମ୍ୟାନେଜର ଆପଏଣ୍ଟମେଣ୍ଟ ଚିଠି ସଙ୍ଗେସଙ୍ଗେ ମତେ ଦେଲେ ଆଉ ମୁଁ ରାଉରକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ନେଶ ମର୍ଡନାଇଜେଶନ୍ ସାଇଟ୍‌ରେ ଇଂଜିନିୟର ଭାବରେ ଜଏନ୍ କଲି। ଦେଖୁଦେଖୁ ଗୋଟେ ମାସ କଟିଗଲା ଆଉ ଜୀବନର ପ୍ରଥମ ବେତନ ୨୨୦୦ ଟଙ୍କା ଗୋଟିଏ ଲଫାପାରେ ମତେ ଦିଆଗଲା। ଜୀବନର ପ୍ରଥମ ଚାକିରିର ପ୍ରଥମ ବେତନ ପାଇ ମୁଁ ଖୁସିରେ ଆତ୍ମହରା ହୋଇ ଉଠିଥିଲି। ସନ୍ଧ୍ୟାରେ ଗୋଟେ ପ୍ୟାକେଟ୍ ମିଠା ଓ ଦରମା ଟଙ୍କା ନେଇ ମାଆଙ୍କ ହାତରେ ଦେଲି। ଦେଖୁଥିଲି ଖୁସିର ଦୁଇଟୋପା ଲୁହ ମାଆଙ୍କ ଆଖିରୁ ଗଡି ଯାଇଥିଲା। ସେଥିରୁ କିଛି ଟଙ୍କା ମତେ ଦେଇ କହିଲେ, ଇଷ୍ଟଦେବୀ ମା' ତାରାତାରିଣୀଙ୍କ ପାଖରେ ଭୋଗ ଅର୍ପଣ କରିବା ପାଇଁ। ଆଜି ମୁଁ ଏକ ଅନ୍ତଃରାଷ୍ଟ୍ରୀୟ କମ୍ପାନୀରେ ଚାକିରି କରି ମାସକୁ ଲକ୍ଷାଧିକ ଟଙ୍କା ବେତନ ପାଉଛି; ହେଲେ ସେଦିନର ସେହି ୨୨୦୦ ଟଙ୍କା ମତେ ଯେଉଁ ଖୁସି ଦେଇଥିଲା ଆଉ ତାକୁ ମା'ଙ୍କୁ ଦେଲାପରେ ଯେଉଁ ଆତ୍ମସନ୍ତୋଷ ମିଳିଥିଲା ସେକଥାକୁ ମୁଁ ଆଜିଯାଏ ଝୁରି ହେଉଛି।

# ଖରା ହେଉ ଅବା ବରଷା, ସହଜେ ଖସେନା ପ୍ରେମର ନିଶା

ସାଥୀ



**ପ୍ରଶ୍ନ**–କହିବେ କି ସାଥୀ, ଆଜିର ସମାଜରେ ଅନେକ ଯୁବକ ଯୁବତୀ ପ୍ରେମ ବନ୍ଧନରେ ବାନ୍ଧି ହୋଇଯାଉଛନ୍ତି। ଏଭଳି ବନ୍ଧନରୁ ମୁକୁଳିବା ସହଜ ହୋଇ ନ ଥାଏ କାହିଁକି ?

*–ବିଜୁ ସାହୁ, ଖଣ୍ଡାଏତା, କଟକ–୧୧*

**ଉତ୍ତର :** ଯଦି ପରସ୍ପର ଭିତରେ ବିଶ୍ୱାସ ଦୃଢ଼ ରହିଲା ତେବେ ପ୍ରେମର ଫାଉଣ୍ଡେସନ ଦୃଢ଼ ହୋଇଥାଏ। ହେଲେ ଯଦି ଏହି ସମୟରେ ମନରେ ପ୍ରେମକୁ ନେଇ ଭିନ୍ନ ଭିନ୍ନ ପ୍ରଶ୍ନ ଉଠିଲା ତେବେ ସବୁକିଛି ଅଡୁଆ ତଡୁଆ ହୋଇଯାଏ। ଏହି ନିଶା ଭାରି ଗାଢ଼। 'ଖରା ହେଉ ଅବା ବରଷା, ସହଜେ ଖସେନା ପ୍ରେମର ନିଶା।' ତେଣୁ କେବଳ ସେହି ନିଶାରେ ବୁଡି ରହିଲେ ହେବ ନାହିଁ, ପ୍ରେମର ଗାଡି ଯେମିତି ଆଗକୁ ଗଡିବ ସେ ନେଇ ଯୋଜନା କରିବା ଦରକାର।

**ପ୍ରଶ୍ନ**–ଅସୁନ୍ଦରୀ ଝିଅକୁ କ'ଣ ପ୍ରେମ କରିବା ମନା ? ମୋ ପ୍ରେମିକା ଦେଖିବାକୁ ସୁନ୍ଦର ନୁହେଁ। ମୋର ଜଣେ ସାଙ୍ଗ କହୁଛି ଯେ, ତାକୁ ଛାଡି ନୂଆ ପ୍ରେମିକାଟିଏ ଖୋଜିବାକୁ। କ'ଣ କରିବି ?

*–ତପନ ଦାସ, ଯାଜପୁର*

**ଉତ୍ତର :** ପ୍ରେମିକା ଯେତେ ଅସୁନ୍ଦରୀ ହେଇଥାଉ ପଛକେ, ହେଲେ ପ୍ରେମିକ ପାଇଁ ସେ ଦିବ୍ୟ ସୁନ୍ଦରୀ। କାରଣ ପ୍ରେମ ରୂପରେ ନିହିତ ନ ଥାଏ। ମନରେ ମନ ମିଶିଲେ ହିଁ ପ୍ରେମର ସୃଷ୍ଟି ହୁଏ। ତେଣୁ ଯାହାକୁ ମନ ଦେଇଛନ୍ତି ଏବେ ଉଣା କଲେ କ'ଣ ହେବ ? କାହା କଥାରେ ପଡି ମନର ମାନସୀକୁ ଯଦି ସାଇଡ୍ କରି ନୂଆ ଚ୍ୟାନେଲକୁ ଆପଣେଇ ନିଅନ୍ତି, ସେତେବେଳେ ନିଜର ମନ ବୁଝିବ ତ ? ପ୍ରେମରେ ମନ ଯେଉଁଠି ଥରେ ମାନିଯାଏ ତାକୁ ଭୁଲିବା କେତେ କଷ୍ଟକର କେବଳ ଅନୁଭବୀ ହିଁ ଜାଣେ।

**ପ୍ରଶ୍ନ**–ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ?

*–ସୌରଭ କୁମାର, ବାଲେଶ୍ୱର*

**ଉତ୍ତର :** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ଗୋଟିଏ କଥା, ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ।

**ପ୍ରଶ୍ନ**–ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ପୁଣି ଅଧା ବାଟରେ ହାତ ଛାଡି ଚାଲିଗଲା। କ'ଣ କରିବି ?

*–ରମେଶ ନାୟକ, ପୁରୀ*

**ଉତ୍ତର :** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି। ଏବେ ସେ ପ୍ରେମ ନାହିଁ କି ପ୍ରେମିକା ନାହିଁ। ତେଣୁ ସେପରି ପ୍ରେମର ଦ ଏଣ୍ଡ୍ ହୋଇଯାଇଛି ବୋଲି ଧରି ନେଲେ କ୍ଷତି କ'ଣ ? ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ୍ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ହେଲେ ନୂଆ ପ୍ରେମ ସୁରୁ କରିବା ପୂର୍ବରୁ ପୁରୁଣା ପ୍ରେମକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ମନ ଭିତରେ ଧୁକୁ ଧୁକୁ ହୋଇ ଜଳୁଥିବା ସେହି ପ୍ରେମର ନିଆଁ ହୁଏତ ଦିନେ ଆପଣଙ୍କ ନୂଆ ପ୍ରେମକୁ ପୋଡି ଛାରଖାର କରିଦେବ।


**ପ୍ରଶ୍ନ**–ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। ହେଲେ ତାକୁ କେମିତି ଆପଣେଇ ନେବି ଜାଣିପାରୁନି ?

*–ଦିନେଶ, ବଲାଙ୍ଗୀର*

**ଉତ୍ତର :** କଥାଟା ଯଦି ଏତେବାଟ ଆଗେଇ ଗଲାଣି ତେବେ ବିଳମ୍ବ କଲେ କିଛି ଲାଭ ନାହିଁ। ଏହି କଥାକୁ ଯେତେ ଭାବିବେ ମନରେ ସେତିକି ନୂଆ ପ୍ରଶ୍ନ ସୃଷ୍ଟି ହେବ। ତେଣୁ ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। କାରଣ ଅନେକ ସମୟରେ ଇସାରାରୁ ପ୍ରେମର ସୃଷ୍ଟି ହୋଇଥାଏ। ଆଉ ଯଦି ସେପଟୁ ଗ୍ରୀନ୍ ସିଗନାଲ ରହିଛି ବୋଲି ଭାବୁଛନ୍ତି ତା'ହେଲେ ସେହି ମନର ମାନସୀକୁ ନିଜ ମନର ସ୍ୱତନ୍ତ୍ର କୋଣରେ ରଖି ଦିଅନ୍ତୁ।


ମେଣ୍ଡି


ଓକିକୋ



# ଭୂତ କଣ୍ଢେଇ

**ଛୋଟ ପିଲାଙ୍କୁ ବେଶ୍ ଭଲ ଲାଗେ କଣ୍ଢେଇ। ହେଲେ ଯଦି ଖେଲୁ ଖେଲୁ ସେଇ କଣ୍ଢେଇ ଆଖି ମିଟ୍ ମିଟ୍ କରେ, ଅଧା ରାତିରେ କାନ୍ଦେ ଓ ଘର ସାରା ଆପେ ଘୁରି ବୁଲେ ତେବେ...। ଅବାସ୍ତବ ଲାଗିଲେ ବି ଏମିତି କଣ୍ଢେଇ ଅଛି। ଆଉ ସେଗୁଡ଼ିକୁ ଦେଖିଲେ ଭୟରେ ଦେହ ଶୀତେଇ ଯାଏ।**

**ଏନାବେଲା:** ୧୯୭୦ ମସିହାର କଥା। ୨୮ତମ ଜନ୍ମଦିନ ଅବସରରେ ଆମେରିକାର ଡୋନା(ଯେକି ନର୍ସ ଥିଲେ)ଙ୍କୁ ତାଙ୍କ ମା' ଏକ ସୁନ୍ଦର କଣ୍ଢେଇ ଉପହାର ଦେଇଥିଲେ। ଯାହାର ଥିଲା ଦୁଇଟି ଗୋଲ ଗୋଲ ବଡ଼ ବଡ଼ ଆଖି, ତ୍ରିଭୂଜାକାର ଲାଲ ନାକ ଓ ଏକ ବଡ଼ ହସ ଥିବା ଓଠ। ଏହି ସୁନ୍ଦର କଣ୍ଢେଇଟିକୁ ପାଇ ଡୋନା ବହୁତ ଖୁସି ହୋଇଯାଇଥିଲେ। ପରେ ସେ ନିଜ ଆପାର୍ଟମେଣ୍ଟକୁ କଣ୍ଢେଇଟିକୁ ନେଇଯାଇଥିଲେ। ଆଉ ବାନ୍ଧବୀ ତଥା ନର୍ସ ଆଙ୍ଗିଙ୍କ ସହ କଣ୍ଢେଇକୁ ଶେୟାର କରିଥିଲେ। କଣ୍ଢେଇଟିକୁ ଲିଭିଂ ରୁମ୍‌ରେ ବସାଉଥିଲେ। କିନ୍ତୁ କିଛିଦିନ ପରେ ଦୁଇ ବାନ୍ଧବୀ ଲକ୍ଷ୍ୟ କଲେ କଣ୍ଢେଇଟି ନିଜ ଇଛା ମୁତାବକ ସ୍ଥାନ ପରିବର୍ତ୍ତନ କରୁଛି। ଅର୍ଥାତ୍ କାମକୁ ଯିବା ପୂର୍ବରୁ ଲିଭିଂ ରୁମ୍‌ରେ ବସାଯାଇଥିବା କଣ୍ଢେଇଟିକୁ ସେମାନେ ରୁମ୍‌କୁ ଆସିବା ପରେ ବେଡରୁମ୍‌ରେ ପାଉଥିଲେ। କେବଳ ସେତିକି ନୁହେଁ ଘରର ବିଭିନ୍ନ ସ୍ଥାନରେ ପାର୍ଚମେଣ୍ଟ ପେପର୍‌ରେ 'ହେଲ୍ପ ମି' ଲେଖାଯାଇଥିବା ନୋଟ୍ ପାଉଥିଲେ। ଯେତେବେଳେ କି ପାର୍ଚମେଣ୍ଟ ପେପର୍ ଘରେ ନ ଥିଲା। କେବେ କେବେ ତ କଣ୍ଢେଇରେ ରକ୍ତ ଦାଗ ମିଳୁଥିଲା। ଏଭଳି ଅନେକ ଘଟଣା ପରେ ଡୋନା ଜଣେ ଗୁଣିଆଙ୍କୁ ଡାକିଥିଲେ। ସେ କହିଲେ କଣ୍ଢେଇ ଭିତରେ ୭ ବର୍ଷର ମୃତ ଝିଅ ଏନାବେଲା ହିଗିନ୍ସର ଆତ୍ମା ପ୍ରବେଶ କରିଛି, ଯାହାର ଶରୀର ସେ ରହୁଥିବା ଆପାର୍ଟମେଣ୍ଟ ନିର୍ମାଣ ପୂର୍ବରୁ ଖନନ ସମୟରେ ମିଳିଥିଲା। ଏହାପରେ ଏହି ଆତ୍ମାକୁ ତଡ଼ିବା ଲାଗି ଫାଦର ହେଗାନଙ୍କ ସହାୟତା ଲୋଡାଯାଇଥିଲା। ଫାଦର ହେଗାନ ଫାଦର କୁକ୍‌ଙ୍କ ସାହାଯ୍ୟ ନେଇଥିଲେ। ଫାଦର କୁକ୍ ପାରାନର୍ମାଲ୍ ଏକ୍ସପର୍ଟ ଏଡ ଏବଂ ଲରେନ୍ ୱାରେନ୍‌ଙ୍କୁ ଏହି କାମର ଦାୟିତ୍ୱ ଦେଇଥିଲେ। ସେମାନେ ବହୁ କଷ୍ଟରେ ଆତ୍ମା ଉପରେ କାବୁ କରିଥିଲେ। ଆଉ କଣ୍ଢେଇଟିକୁ ନିଜ ଓକଲେଟ୍ ମ୍ୟୁଜିୟମରେ କାଚ ଶୋ'କେସ୍ ଭିତରେ ରଖିଲେ। ଶୋ' କେସ୍ ବାହାରେ ହାତ ନ ଲଗେଇବାର ଚେତାବନୀ ଭରା ଲେଖା ବି ଲେଖିଲେ।

**ରବର୍ଟ:** ଫ୍ଲୋରିଡ଼ା, କିଓ୍ୱେଷ୍ଟରେ ରହୁଥିବା ରବର୍ଟ ଇଉଗିନ ଓଟୋଙ୍କର ଥିଲା ଏହି କଣ୍ଢେଇ। ତାଙ୍କ ଜେଜେବାପା ତାଙ୍କୁ ଜନ୍ମଦିନରେ ଏହି କଣ୍ଢେଇଟିକୁ ଦେଇଥିଲେ। କଣ୍ଢେଇଟି ପିନ୍ଧିଥିବା ସେଲର୍ ପୋଷାକ ଓଟୋ ପିଲାଦିନେ ପିନ୍ଧୁଥିବା ଏକ ପୋଷାକ ପରି ଥିଲା। ଓଟୋ କଣ୍ଢେଇଟିକୁ ବହୁତ ଭଲ ପାଉଥିଲେ। ଯୁଆଡେ ଗଲେ ସାଙ୍ଗରେ ନେଉଥିଲେ। ତା'ସହ କଥା ହେଉଥିଲେ। ତାକୁ ଉପର ଘରର ଝରକା ପାଖରେ ରଖୁଥିଲେ। କୁହାଯାଏ ସ୍କୁଲ ପିଲାମାନେ ସେଇ ବାଟ ଦେଇ ଗଲାବେଳେ କେବେ ରବର୍ଟ ଦେଖାଯାଉଥିଲା ତ କେବେ ଉଭାନ ହେଇଯାଉଥିଲା। ତେଣୁ ପିଲାମାନେ ସେ ବାଟ ଦେଇ ଯିବା ବନ୍ଦ କରିଦେଇଥିଲେ। ପରେ ଓଟୋ ଓ ତାଙ୍କ ପତ୍ନୀଙ୍କ ମୃତ୍ୟୁବରଣ କଲେ। କଣ୍ଢେଇ ଓ ଘରକୁ ମିର୍ଟଲ ରୟଟର୍ କିଣିଲେ। ସେମାନେ ଅନୁଭବ କଲେ କଣ୍ଢେଇଟି ଘରର ବିଭିନ୍ନ ସ୍ଥାନରେ ମିଳୁଥିଲା। ଘରେ ହସ ଶବ୍ଦ, ପାଦ ଶବ୍ଦ ଶୁଭୁଥିଲା। ସେ ଘରକୁ ଆସୁଥିବା ଲୋକ ବି କହୁଥିଲେ ରବର୍ଟର ମୁହଁର ଭାବ ପରିବର୍ତ୍ତନ ହେଉଥିଲା। ୨୦ ବର୍ଷ ପରେ ରୟଟର୍ ବି ଘରକୁ ବିକ୍ରି କରିଦେଇଥିଲେ। ଆଉ ରବର୍ଟକୁ ଇଷ୍ଟ ମାରଟିଲୋ ମ୍ୟୁଜିୟମକୁ ପ୍ରଦାନ କରାଗଲା। ମ୍ୟୁଜିୟମ୍‌କୁ ଆସିବା ପରେ ବହୁ ସଂଖ୍ୟକ ଦର୍ଶକ ଏହାକୁ ଦେଖିବାକୁ ଆସିଲେ। ତା'ର କାହାଣୀ ଫିଲ୍ମ, ଟିଭି ଶୋ'ରେ ସ୍ଥାନ ପାଇଲା।

**ମେଣ୍ଡି:** କାନାଡାର ଦ କୁଇସନେଲ ଆଣ୍ଡ ଡିଷ୍ଟ୍ରିକ୍ଟ ମ୍ୟୁଜିୟମ୍‌ରେ ଅଛି ଏହି କଣ୍ଢେଇ। ଏହାକୁ ପ୍ରଦାନ କରିଥିବା ବ୍ୟକ୍ତିଙ୍କର ଏହି କଣ୍ଢେଇ ସହ ଥିଲା କିଛି ଭୟଙ୍କର ଅନୁଭୂତି। ତେଣୁ ସେ ଏହାକୁ ନିଜଠାରୁ ଦୂରେଇ ଦେବାକୁ ଚାହିଁଥିଲେ। ଥରେ କଣ୍ଢେଇର ମାଲିକ ରାତିରେ ଶୋଇଥିବାବେଳେ ଖୁବ୍ ଜୋର୍‌ରେ ପିଲା କାନ୍ଦୁଥିବାର ଶବ୍ଦ ଶୁଣିବାକୁ ପାଇଲେ। ଶବ୍ଦଟି କଣ୍ଢେଇ ଥିବା ବେସ୍‌ମେଣ୍ଟରୁ ଆସୁଥିଲା। ହେଲେ ଘରେ କୌଣସି ଛୋଟ ପିଲା ନ ଥିଲେ। ସେ ଖୁବ୍ ଡରି ଯାଇଥିଲେ। ତଥାପି ସାହସ ବାନ୍ଧି ବେସ୍‌ମେଣ୍ଟକୁ ଯାଇଥିଲେ। ଆଉ ଦେଖିଲେ ସେଠି କୌଣସି ପିଲା ନ ଥିଲେ କି ମେଣ୍ଡି କଣ୍ଢେଇ ବି ନ ଥିଲା। ତେବେ ଝରକା ଖୋଲା ଥିଲା। ସକାଳ ହେବାରେ ସେ ଦେଖିଲେ ମେଣ୍ଡି ପୁଣି ଥରେ ଚାଲି ଆସିଛି।। ଏଭଳି ଘଟଣା ପରେ ସେ କଣ୍ଢେଇକୁ ମ୍ୟୁଜିୟମକୁ ପ୍ରଦାନ କରିଥିଲେ। ମ୍ୟୁଜିୟମରେ ବି ମେଣ୍ଡି ଆସିବା ପରେ ସଂଗ୍ରହାଳୟ କର୍ମଚାରୀମାନେ ଅଧିକାଂଶ ସମୟ ତାଙ୍କ ମଧ୍ୟାହ୍ନ ଭୋଜନ ନ ଥିବା, ବହି, ଷ୍ଟେସନାରୀ ଜିନିଷ ହଜୁଥିବା ଦେଖିବାକୁ ପାଇଲେ। ତେଣୁ ମେଣ୍ଡିକୁ ଅନ୍ୟ ପ୍ରାଇଭେଟ୍ ଡିସ୍‌ପ୍ଲେକୁ ନିଆଗଲା। ପରବର୍ତ୍ତୀ ସମୟରେ ଏହି କଣ୍ଢେଇକୁ ନେଇ ଭୂତ କାହାଣୀ ରଚନା କରାଗଲା। ଲୋକେ ଆଗ୍ରହର ସହ ଏହି କଣ୍ଢେଇକୁ ଦେଖିବା ଲାଗି ସଂଗ୍ରହାଳୟ ଆସିଲେ। କୁହାଯାଏ ପର୍ଯ୍ୟଟକମାନେ କଣ୍ଢେଇର ଫଟୋ ଉତ୍ତୋଳନ କରିବାବେଳେ ବ୍ୟାଟେରୀ ଖରାପ ହେବା, ଫ୍ଲାଶ ବନ୍ଦ ହେଇଯିବା, କ୍ୟାମେରା ଆପେ ବନ୍ଦ ହେବା ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଅନେକେ କୁହନ୍ତି କଣ୍ଢେଇରେ ଏକ ଛୋଟ ଝିଅର ଆତ୍ମା ରହିଛି, ଯେକି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହେଁ। ତେଣୁ ସେ ଛୋଟ ଛୋଟ ବଦ୍‌ମାସୀ କରେ। ହେଲେ କାହାର କ୍ଷତି କରେ ନାହିଁ।

**ଓକିକୋ:** ପାରମ୍ପରିକ ପୋଷାକ ପରିଧାନ କରିଥିବା ଏଇ ସୁନ୍ଦର କଣ୍ଢେଇକୁ ଜାପାନର ୧୭ ବର୍ଷୀୟା ଈକିଚି ସୁଜୁକି କିଣିଥିଲେ। ଏଇ କଣ୍ଢେଇକୁ ସେ ନିଜ ଦୁଇ ବର୍ଷର କୁନି ଭଉଣୀ ପାଇଁ ଆଣିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଏକ ବର୍ଷ ପରେ ଅତ୍ୟଧିକ ଥଣ୍ଡା କାରଣରୁ ଓକିକୋ ମୃତ୍ୟୁବରଣ କଲେ। ତେବେ ପରିବାର ସଦସ୍ୟଙ୍କ କହିବାନୁସାରେ ଓକିକୋ ତାଙ୍କର କଣ୍ଢେଇକୁ ବହୁତ ଭଲ ପାଉଥିଲେ। ସେଥିପାଇଁ ମୃତ୍ୟୁପରେ ଓକିକୋର ଆତ୍ମା କଣ୍ଢେଇ ଭିତରେ ପ୍ରବେଶ କରିଲା। ପରେ ପରିବାର ଲୋକେ ଘର ଛାଡି ଅନ୍ୟତ୍ର ଚାଲିଗଲେ। ଆଉ ଓକିକୋକୁ ଏକ ମନ୍ଦିରରେ ରଖି ଦିଆଗଲା। କୁହାଯାଏ ଏଇ କଣ୍ଢେଇର କେଶ ଆପେ ବଢିଥାଏ। ତେଣୁ ଏହାର କେଶ ନିୟମିତଭାବେ କଟାଯାଏ।

**କଟଜା:** କଟଜା ଏକ ଶ୍ରାପିତ କଣ୍ଢେଇ। ଏହି କଣ୍ଢେଇର ନାମ ୧୭୩୦ରେ ରୁଷରେ ରଖାଯାଇଥିଲା। କୁହାଯାଏ ଜଣେ ମହିଳା ଗର୍ଭବତୀ ଥିଲେ ଓ ତାଙ୍କ ପରିବାର ସଦସ୍ୟ ଚାହୁଁଥିଲେ ତାଙ୍କର ପୁତ୍ର ସନ୍ତାନ ହେଉ। କିନ୍ତୁ ସେ କନ୍ୟା ସନ୍ତାନକୁ ଜନ୍ମ ଦେଲେ। ତେଣୁ ପରିବାରବର୍ଗ କୁନି ଝିଅଟିକୁ ଜୀବନ୍ତ ଜଳାଇ ଦେଇଥିଲେ। ଏହି ଘଟଣା ପରେ ଝିଅଟିର ମା' ତା' ପାଉଁଶରେ ସେରାମିକ ଓ ପୋଲସିଲେନ ମିଶାଇ ଏକ କଣ୍ଢେଇ ତିଆରି କରିଥିଲେ, ଯାହାର ନାଁ କାଟ୍‌ଜା ଦେଲେ। ପରେ ଏହି କଣ୍ଢେଇର ରକ୍ଷା ପର ପିଢିମାନେ କଲେ। ସେମାନଙ୍କ ମତରେ କଣ୍ଢେଇଟିର ଯତ୍ନ ନ ନେଲେ ତାହା କ୍ଷତି ପହଞ୍ଚାଇପାରେ। କୁହାଯାଏ ଏହି କଣ୍ଢେଇକୁ ୨୦ ସେକେଣ୍ଡ ଚାହିଁ ରହିଲେ କଣ୍ଢେଇ ଆଖିପତା ମିଟ୍ ମିଟ୍ କରିବ। ଆଉ ଯାହା କ୍ଷେତ୍ରରେ ଏମିତି ଘଟେ ତାଙ୍କର ନିଶ୍ଚିତ ଭାବେ କିଛି କ୍ଷତି ହେବ।


କଟଜା


ରବର୍ଟ



ଏନାବେଲା



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସୁଦୀପ୍ତା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: ବୀରେନ ପଟ୍ଟନାୟକ, ଫ୍ୟାଶନ ଷ୍ଟୁଡ଼ିଓ

## ହାଃ ହାଃ

### ଜଲ୍‌ଦି

ସ୍ୱାମୀସ୍ତ୍ରୀ ପରିବା କିଣିବାକୁ ଯାଇଥିଲେ।
ସ୍ତ୍ରୀ (ପରିବାବାଲାକୁ): ଭାଇ, କଖାରୁ କିଲୋ କେତେ?
ପରିବାବାଲା: ୨୫ ଟଙ୍କା।
ସ୍ତ୍ରୀ: ଆଉ ଏ ଭେଣ୍ଡି ଓ ଟମାଟୋର ଦାମ୍ କେତେ?
ଏତିକିବେଳେ ସ୍ୱାମୀ ସ୍ତ୍ରୀକୁ: ଜଲ୍‌ଦି କର, ମୋର ଅଫିସ୍ ସମୟ ଡେରି ହେଉଛି।
ସ୍ତ୍ରୀ ସ୍ୱାମୀଙ୍କୁ: ତୁମେ ବେଶି କଥା କୁହନି, ଏହି ଜଲ୍‌ଦି ହେବା ଚକ୍କରରେ ତୁମ ଭଳିଆ ସ୍ୱାମୀ ପାଇଲି। ଆଉ ଏବେ ପରିବା କିଣିବାରେ ସେମିତି ଜଲ୍‌ଦି କରି ଆଦୌ ଠକି ହେବିନି।

### କାନ୍ଦ

ପରୀକ୍ଷା ହଲ୍‌ରେ ଗୋପୀକୁ ଚୁପଚାପ୍ ବସିଥିବାର ଦେଖି
ପରୀକ୍ଷକ: ତୁମେ କାହିଁକି କିଛି ଲେଖୁନ?
ଗୋପୀ: ମୋତେ କିଛି ଆସୁନି।
ପରୀକ୍ଷକ: ତୁମକୁ କିଛି ତ ଆସୁଥିବ।
ଗୋପୀ: ହଁ, ଆସୁଛି।
ପରୀକ୍ଷକ: କ'ଣ।
ଗୋପୀ: କାନ୍ଦ।

### ସ୍ପିଡ୍

ଜଜ୍: ତୁମ ପାଖରେ କ'ଣ ପ୍ରମାଣ ଅଛି, ଆକ୍ସିଡେଣ୍ଟ ହେଲାବେଳେ ତୁମେ କାର୍ ସ୍ପିଡ୍‌ରେ ଚଲଉ ନ ଥିଲ ବୋଲି?
କାର୍ ଚାଳକ: ଆଜ୍ଞା, ସେ ସମୟରେ ମୁଁ ମୋ ସ୍ତ୍ରୀକୁ ଆଣିବା ପାଇଁ ଶ୍ୱଶୁରଘରକୁ ଯାଉଥିଲି।
ଜଜ୍: ତା'ହେଲେ ଏହି ଲୋକକୁ ନିର୍ଦ୍ଦୋଷରେ ଛାଡ଼ିଦିଆଯାଉ। କାରଣ ମୁଁ ଜାଣିଛି, ଏହି ସମୟରେ କେହି ବି ସ୍ପିଡ୍‌ରେ କାର୍ ଚଲେଇପାରିବେନି।

**ଉତ୍ତରାଖଣ୍ଡର ରଷିକେଶଠାରୁ ମାତ୍ର ୩୨ କି.ମି. ଦୂରରେ ପୌରୀ ଗଢ଼ୱାଲ ଜିଲାରେ ରହିଛି ପୁରାଣ ପ୍ରସିଦ୍ଧ ନୀଳକଣ୍ଠ ମହାଦେବଙ୍କ ମନ୍ଦିର। ସମୁଦ୍ରପତ୍ତନରୁ ପ୍ରାୟ ୧୩୩୦ ମିଟର ଉଚ୍ଚରେ ଥିବା ଏହି ମନ୍ଦିରଟି ନର–ନାରାୟଣ ପର୍ବତମାଳାରେ ପଙ୍କଜା ଏବଂ ମଧୁମତୀ ନଦୀତଟର ମଧ୍ୟବର୍ତ୍ତୀ ମଣିକୁଟ, ବ୍ରହ୍ମକୁଟ ଓ ବିଷ୍ଣୁକୁଟ ଉପତ୍ୟକାର ମିଳନସ୍ଥଳରେ ଅବସ୍ଥିତ।**





### ମୁଖ୍ୟ ପର୍ବପର୍ବାଣି

ନୀଳକଣ୍ଠ ମହାଦେବଙ୍କୁ ଦର୍ଶନ କରିବା ପାଇଁ ପ୍ରତିଦିନ ଏଠାକୁ ଦୂରଦୂରାନ୍ତରୁ ଭକ୍ତଗଣଙ୍କର ସୁଅ ଛୁଟିଥାଏ। ଠାକୁରଙ୍କ ମୁଖ୍ୟ ପର୍ବ ହେଉଛି ଶିବରାତ୍ରି। ଶ୍ରାବଣ ମାସରେ ମଧ୍ୟ ଠାକୁରଙ୍କୁ ଜଳଲାଗି କରିବା ପାଇଁ ଭକ୍ତମାନେ ଏଠାକୁ ଧାଇଁ ଆସନ୍ତି। ଏଇ ଦୁଇଟି ସମୟରେ ଏଠାରେ ମେଳା ବସେ ଏବଂ ପ୍ରବଳ ଜନସମାଗମ ହେଇଥାଏ।

# ରଷିକେଶ
# ନୀଳକଣ୍ଠ ମହାଦେବ ମନ୍ଦିର

### ମନ୍ଦିରକୁ ନେଇ କିମ୍ବଦନ୍ତୀ

ଶ୍ରୁତି ସ୍ମୃତି ପୁରାଣରେ ବର୍ଣ୍ଣିତ ଅଛି ଯେ, ସତ୍ୟଯୁଗରେ ଅମୃତ ଫଳ ଆଶା ନେଇ ଦେବଗଣ ଓ ଦାନବଗଣ ମିଶି ଯେଉଁ ସମୁଦ୍ରମନ୍ଥନ କରିଥିଲେ ; ସେଥିରୁ ହଳାହଳ ବିଷ ବି ବାହାରିଥିଲା। ସମଗ୍ର ବିଶ୍ୱକୁ ନଷ୍ଟ କରିଦେବାର କ୍ଷମତା ରଖିଥିବା ଏହି ବିଷ କୋପରୁ ରକ୍ଷା ପାଇବାକୁ ସମସ୍ତେ ଦେବ ଦେବ ମହାଦେବଙ୍କୁ ଗୁହାରି କରିବାରୁ, ଶେଷରେ ପ୍ରଭୁ ଶିବଶଙ୍କର ଉକ୍ତ ବିଷକୁ ନିଜେ ପାନ କରି ଦେଇଥିଲେ। ସେହି କ୍ଷଣି ମାତା ପାର୍ବତୀ ଆସି ପ୍ରଭୁଙ୍କର ବେକ ପାଖରେ ହାତ ରଖିଦେବାରୁ ବିଷ ପ୍ରଭୁଙ୍କର ଗର୍ଭକୁ ନ ଯାଇ କଣ୍ଠ ଦେଶରେ ଅଟକି ଯାଇଥିଲା। ଫଳରେ ତାଙ୍କ କଣ୍ଠଦେଶ ସମ୍ପୂର୍ଣ୍ଣ ନୀଳବର୍ଣ୍ଣ ଧାରଣ କରିଗଲା। ତା'ପରେ ପ୍ରଭୁ ମହାଦେବ ବିଷ ଜ୍ୱାଳାରୁ ଉପଶମ ନିମନ୍ତେ ଏହିଠାରେ ଆସି ବିଶ୍ରାମ ନେଇଥିଲେ। ସେଥିପାଇଁ ପରବର୍ତ୍ତୀ ସମୟରେ ତାହାର ସ୍ମୃତି ସ୍ୱରୂପ ଏଠାରେ ଗଢ଼ି ଉଠିଥିଲା ନୀଳକଣ୍ଠ ମହାଦେବ ମନ୍ଦିର। ସମୟକ୍ରମେ ଏହି ମନ୍ଦିରରେ ଅନେକ ପରିବର୍ତ୍ତନ ଘଟିଥିଲେ ମଧ୍ୟ ମୂଳ ଶିବଲିଙ୍ଗଟି ସେହିଭଳି ଅକ୍ଷୁଣ୍ଣ ରହିଥିବା ବିଶ୍ୱାସ ରହିଛି।

### ମନ୍ଦିରର ନିର୍ମାଣ ଶୈଳୀ

ପାହାଡ଼ର ଶୀର୍ଷ ଦେଶରେ ପୁରାତନ ଦ୍ରାବିଡ଼ ଶୈଳୀରେ ନିର୍ମିତ ସୁଉଚ୍ଚ ଖୁମ୍ବ ଓ ଗମ୍ବୁଜ ଯୁକ୍ତ ପିରାମିଡ୍ ଆକୃତିର ବିଶାଳ ମନ୍ଦିରର ଗର୍ଭ ଗୃହରେ ଶୋଭା ପାଉଥିବା ଶିବଲିଙ୍ଗଙ୍କୁ ଦର୍ଶନ କଲେ ମନରେ ସ୍ୱତଃ ଭକ୍ତିଭାବ ଉଦ୍ରେକ ହୁଏ। ମନ୍ଦିର ଗାତ୍ରରେ ଦେବାସୁରମାନଙ୍କ ସମୁଦ୍ରମନ୍ଥନ ସମୟର ମୂର୍ତ୍ତି ଖୋଦିତ ହୋଇଛି। ମନ୍ଦିର ବେଢ଼ାରେ ଅନ୍ୟାନ୍ୟ ଦେବଦେବୀଙ୍କ ମୂର୍ତ୍ତିମାନ ପରବର୍ତ୍ତୀ ସମୟରେ ତିଆରି ହୋଇଛି। ଏଠାରେ ଭକ୍ତମାନେ ବିଭିନ୍ନ ଭୋଗରାଗ ସହ ନୀଳକଣ୍ଠ ମହାଦେବଙ୍କୁ ଚନ୍ଦନ ଓ କର୍ପୂର ଲାଗି କରି ଶୀତଳତା ପ୍ରଦାନ କରିଥାନ୍ତି।




### କେମିତି ଯିବେ

ନୀଳକଣ୍ଠ ମହାଦେବ ମନ୍ଦିରକୁ ଯିବାକୁ ହେଲେ ରଷିକେଶରୁ ରାମ ଝୁଲା ପୋଲ ଦେଇ ଦୁଇଚକିଆ କିମ୍ବା ଚାରିଚକିଆ ଯାନରେ ପାହାଡ଼ର ପାଦଦେଶରେ ପହଞ୍ଚି ସେଠାରୁ ପାଦଚଲା ରାସ୍ତାରେ ଯିବାକୁ ହୁଏ। ଅଙ୍କାବଙ୍କା ସଂକୀର୍ଣ୍ଣ ପାହାଡ଼ି ରାସ୍ତାର ଦୁଇ ପଟରେ ପ୍ରକୃତିର ଅପରୂପ ଶୋଭା ଦର୍ଶନ କରି ପର୍ଯ୍ୟଟକ ମୁଗ୍ଧ ହୋଇଥାନ୍ତି। ପାହାଡ଼ ଉପରେ ଘଞ୍ଚ ଜଙ୍ଗଲ, ତହିଁରୁ ଝରିଆସୁଥିବା ଝରଣା, ସ୍ଥାନେ ସ୍ଥାନେ ପାହାଡ଼କୁ ସମତଳ କରି ସ୍ଥାନୀୟ ଅଧିବାସୀମାନେ କରିଥିବା ସବୁଜ କ୍ଷେତର ଶୋଭା ଅତି ରମଣୀୟ ଲାଗେ ଦେଖିବାକୁ। ମନ୍ଦିରର ସୁରକ୍ଷା ବ୍ୟବସ୍ଥା ମଧ୍ୟ ଖୁବ୍ କଡାକଡି। ପାହାଡ଼ର ପାଦଦେଶରେ ଥିବା ଚେକ୍ ଗେଟ୍‌ରେ ପରିଚୟ ପତ୍ର ଯାଞ୍ଚ କରାଯାଇ ଯାତ୍ରୀମାନଙ୍କୁ ଅନୁମତି ଦିଆଯାଇଥାଏ ପାଦଚଲା ରାସ୍ତାରେ ଯିବା ପାଇଁ। ପ୍ରାୟ ୮/୧୦ କି.ମି. ଯିବା ପରେ ମନ୍ଦିର ପାହାଚରେ ଚଢିବା ପୂର୍ବରୁ ମଧ୍ୟ ପୁନଃ ପରିଚୟ ପତ୍ର ଯାଞ୍ଚ କରାଯାଇ ଯାତ୍ରୀମାନଙ୍କୁ ଅନୁମତି ଦିଆଯାଇଥାଏ। ପ୍ରଥମେ କାଳିକାମାତାଙ୍କ ଦରବାର ଦେଇ ପୁଣି ଆହୁରି ପାହାଚ ଚଢି ମନ୍ଦିରର ଗର୍ଭଗୃହକୁ ଯିବାକୁ ହୁଏ। ନିର୍ଦ୍ଦିଷ୍ଟ ଦୂରତାରେ ବାରିକେଡ୍ ଦେଇ ଆବଦ୍ଧ କରାଯାଇଛି ମୂଳ ଶିବଲିଙ୍ଗଙ୍କୁ। ଦୂରରୁ ଦର୍ଶନ କରି ପୂଜାସାମଗ୍ରୀ (ନଡ଼ିଆ, କ୍ଷୀର, ବେଲପତ୍ର, ଚନ୍ଦନ, କର୍ପୂର ଇତ୍ୟାଦି) ବଢେଇ ଦେବାକୁ ହୁଏ ସେଠାରେ ଉପସ୍ଥିତ ଥିବା ପୂଜାରୀମାନଙ୍କୁ। ବାରିକେଡ୍‌ର ଜଳା ଫାଙ୍କରେ ଖୁବ୍ ସୁନ୍ଦର ଦର୍ଶନ ହୋଇଥାଏ ପ୍ରଭୁଙ୍କର। ଭକ୍ତମାନଙ୍କ ଯାତ୍ରା କଷ୍ଟ ନିମିଷକ ମଧ୍ୟରେ ଦୂର ହୋଇଯାଇଥାଏ। ସଡ଼କପଥରେ ନୀଳକଣ୍ଠ ମହାଦେବ ମନ୍ଦିରରେ ପହଞ୍ଚିବା ପାଇଁ ହେଲେ ରାଜ୍ୟ ପରିବହନ ନିଗମର ବସ୍‌ରେ ରଷିକେଶ ପହଞ୍ଚି ସେଠାରୁ ରାମଝୁଲା ଦେଇ ଭଡ଼ା ଗାଡ଼ି ଧରି ଯିବାକୁ ହୁଏ। ସେହିପରି ରଷିକେଶ ହେଉଛି ଏହାର ନିକଟତମ ରେଳଷ୍ଟେସନ, ଯାହା ଉକ୍ତ ମନ୍ଦିରଠାରୁ ପ୍ରାୟ ୩୦ କି.ମି ଦୂରରେ ଅବସ୍ଥିତ। ଅନ୍ୟପକ୍ଷେ ଏହାର ନିକଟତମ ଏୟାରପୋର୍ଟ ହେଉଛି ଡେରାଡୁନର ଜୋଲିଗ୍ରାଣ୍ଟ ଏୟାରପୋର୍ଟ ; ଯାହା ମନ୍ଦିରଠାରୁ ପ୍ରାୟ ୫୦ କି.ମି ଦୂରରେ ଅବସ୍ଥିତ।




**–ସୁଷମା ପରିଜା**
ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ
ମୋ: ୯୩୩୭୨୭୨୬୪୭






# ଗଛକୁ ଧଳା, ଲାଲ ରଙ୍ଗରେ ରଙ୍ଗାଯାଏ କାହିଁକି



**ରାସ୍ତାରେ ଗଲାବେଳେ ଦୁଇପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛକୁ ତ ଦେଖିଥିବେ। ତା'ସହ ସେଗୁଡ଼ିକର ମୂଳରୁ କିଛି ଉଚ୍ଚତା ପର୍ଯ୍ୟନ୍ତ ଲାଲ ଓ ଧଳା ରଙ୍ଗରେ ରଙ୍ଗାଯାଇଥିବା ବି ଦେଖିଥିବେ। ହେଲେ କେବେ ଭାବିଛନ୍ତି ଗଛଗୁଡ଼ିକୁ ଏଭଳି ଦୁଇଟି ରଙ୍ଗରେ କାହିଁକି ରଙ୍ଗାଯାଏ। ଏଭଳି ରଙ୍ଗାଇବା ପଛରେ ରହିଛି କିଛି ବୈଜ୍ଞାନିକ କାରଣ। ଜାଣନ୍ତୁ ସେ ସମ୍ପର୍କରେ..**



କାହିଁ କେବେଠାରୁ ଗଛର ତଳଭାଗକୁ ରଙ୍ଗାଯାଉଛି। ଏହା ପଛର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗଛଗୁଡ଼ିକୁ ଅଧିକ ମଜଭୁତ କରିବା। ଦେଖିଥିବେ ଗଛରେ ଅନେକ ସମୟରେ ଫାଟ ସୃଷ୍ଟି ହୋଇଥାଏ ଓ ଗଛର ଛାଲ ବାହାରିଯାଏ। ଯାହାଦ୍ୱାରା ଗଛ ଦୁର୍ବଳ ହୋଇଯାଏ। ଗଛକୁ ମଜଭୁତ କରିବା ଓ ଗଛ ଅଧିକ ବର୍ଷ ବଞ୍ଚିବା ପାଇଁ ହିଁ ଗଛକୁ ଏଭଳି ପେଣ୍ଟ କରାଯାଇଥାଏ। ଧଳା ରଙ୍ଗ ହ୍ୱାଇଟ୍ ଲାଇମ୍ ବା କ୍ୟାଲସିୟମ ହାଇଡ୍ରୋକ୍ସାଇଡ୍ ଏବଂ ଲାଲ ବା ଗେରୁଆ ରଙ୍ଗ ସିନୋପିଆ ବା ରେଡ ଓକ୍ରେ ପାଉଡର ହୋଇଥାଏ। ହ୍ୱାଇଟ୍ ଲାଇମ୍ ଆଲାକାଲାଇନ ହୋଇଥିବା ବେଳେ ଲାଲରଙ୍ଗର ଓକ୍ରେ ପାଉଡର ଏସିଡିକ ହୋଇଥାଏ ଓ ସେଥିରେ ପ୍ରଚୁରମାତ୍ରାର ଆଇରନ୍ ଥାଏ। ଏହି ଦୁଇ କମ୍ବିନେଶନ୍ ଗଛକୁ ଫଙ୍ଗାଲ ସମସ୍ୟାରୁ ଦୂରେଇ ରଖିବା ସହ ଅନିଷ୍ଟକାରୀ କୀଟ ଆକ୍ରମଣରୁ ରକ୍ଷା କରେ। ତେଣୁ ଗଛକୁ ଏହି ଦୁଇ ରଙ୍ଗରେ ରଙ୍ଗା ଯାଇଥାଏ। ଏହାବାଦ୍ ଦେଖିଥିବେ ଜାତୀୟ ରାଜପଥର ଦୁଇ ପାର୍ଶ୍ୱର ଗଛକୁ କେବଳ ଧଳାରଙ୍ଗରେ ରଙ୍ଗାଯାଇଥାଏ। ଏହାପଛର ଉଦ୍ଦେଶ୍ୟ ହେଉଛି ରାତିରେ ଆସୁଥିବା ଗାଡ଼ିର ଲାଇଟ୍ ତା' ଉପରେ ପଡ଼ିଲେ ଗଛଗୁଡ଼ିକ ସ୍ପଷ୍ଟ ଦେଖାଯିବ ଓ ରାସ୍ତା କେତେ ଓସାର ଭଲ ଭାବେ ଜଣାପଡ଼ିବ।





## ମାଛଙ୍କ ସାଥୀ

ରାସ୍ତାର ବୁଲା କୁକୁର, ଗାଈ ଆଦିଙ୍କୁ କିଛି ଲୋକ ଖାଦ୍ୟ ଦେଉଥିବା ଏମିତିକି ସେମାନଙ୍କ ଯତ୍ନ ନେଉଥିବା ଦେଖିଥିବେ। ତେବେ ଭିଏତନାମର ମୁଓଇ ଫୁକ୍ ନାମକ ବ୍ୟକ୍ତି ନଦୀର ହଜାର ହଜାର ସଂଖ୍ୟକ ମାଛଙ୍କ ସାଥୀ ପାଲଟିଛନ୍ତି। ଏମିତିକି ନଦୀ କୂଳରେ ଥିବା ତାଙ୍କ ଘର ନିକଟକୁ ଏହି ମାଛ ମାନେ ସବୁଦିନ ଆସନ୍ତି। ଆଉ କୂଳ ନିକଟରେ ଗଦା ହୋଇ ମୁହଁ ବାହାରକୁ ବାହାର କରି ପାଟି ପାକୁ ପାକୁ କରି ଖାଦ୍ୟ ମାଗନ୍ତି। ସେମାନଙ୍କୁ ଦେଖିବାମାତ୍ରେ ମୁଓଇ ସେମାନଙ୍କ ପାଇଁ ଘରୁ ଖାଦ୍ୟ ଆଣି ପାଣିରେ ପକାନ୍ତି। ମାଛଗୁଡ଼ିକ ବେଶ୍ ଖୁସିରେ ତାକୁ ଖାଆନ୍ତି। ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମୁଓଇ ଓ ମାଛଙ୍କ ମଧ୍ୟସ୍ଥ ଏହି ସମ୍ପର୍କ ଜାରି ରହିଛି। ଏହି ଦୃଶ୍ୟକୁ ଦେଖିବା ପାଇଁ ଏବେ ବିଭିନ୍ନ ସ୍ଥାନରୁ ଲୋକ ଆସୁଛନ୍ତି। ମୁଓଇ କୁହନ୍ତି, '୨୦୨୦ ଭିଏତନାମର ନବବର୍ଷ 'ଟେଟ୍' ଦିନ ତାଙ୍କ ସ୍ତ୍ରୀ ଓ ପିଲାମାନେ ବାହାରକୁ ଯାଇଥାନ୍ତି। ମୁଁ ଘରେ ଥାଏ ଜେଜେବାପା, ଜେଜେମା'ଙ୍କୁ ରାନ୍ଧିକି ଦେବାପାଇଁ। ସେଦିନ ଯେତେବେଳେ ମୁଁ ଝରକାରୁ ବାହାରକୁ ଦେଖିଲି ଏକ ଅଜବ ଦୃଶ୍ୟ ମୋ ନଜରକୁ ଆସିଲା। ମୁଁ ଦେଖିଲି ମୋ ଘର ନିକଟରେ କିଛି ମାଛ ନଦୀର ପୃଷ୍ଠ ଭାଗକୁ ଆସି ପାଟି ପାକୁ ପାକୁ କରୁଛନ୍ତି। ମତେ ଲାଗିଲା ସେମାନେ ମତେ ଖାଦ୍ୟ ମାଗୁଛନ୍ତି। ତେଣୁ କିଛି ବତକ ଖାଦ୍ୟ ଆଣି ସେ ମାଛଙ୍କୁ ଦେଲି। ପରଦିନ ଦେଖିଲି ସେଇ ସମୟରେ ପୁଣି ମାଛମାନେ ଆସିଛନ୍ତି। ତେଣୁ ପୁଣିଥରେ ସେମାନଙ୍କୁ ଖାଦ୍ୟ ଦେଲି। ଏହାପରଠାରୁ ମାଛମାନେ ସବୁଦିନ ଆସିଲେ ଓ ନୂଆ ନୂଆ ସାଙ୍ଗ ମାଛଙ୍କୁ ବି ଧରିକି ଆସିଲେ। ଏବେ ପ୍ରାୟ ୧୦,୦୦୦ରୁ ଊର୍ଦ୍ଧ୍ୱ ମାଛ ସବୁଦିନ ଆସୁଛନ୍ତି। ଏହି ମାଛଙ୍କ ଭିତରେ କ୍ୟାଟ୍ ଫିଶ୍, ସ୍ନେକହେଡ ଫିଶ୍ ଓ ପମ୍ପାନୋ ପରି ହିଂସକ ପ୍ରବୃତ୍ତିର ମାଛ ବି ଅଛନ୍ତି। ଏହି ମାଛଙ୍କ ପାଇଁ ଏବେ ମାସକୁ ୧ ଟନ୍‌ରୁ ଊର୍ଦ୍ଧ୍ୱ ଚାରା ଆବଶ୍ୟକ ହେଉଛି। ଏତେ ଟଙ୍କା ଖର୍ଚ୍ଚ କରିପାରୁ ନ ଥିବାରୁ ମୁଁ ସ୍ଥାନୀୟ ଚାଷୀଙ୍କ ସାହାଯ୍ୟ ନେଉଛି। ସେମାନଙ୍କଠୁ ଅଳ୍ପ ନଷ୍ଟ ହୋଇଥିବା ଫଳ, ପନିପରିବା ଆଣି ମାଛଙ୍କୁ ଦେଉଛି। ଏସବୁକୁ ବି ମାଛଗୁଡ଼ିକ ବେଶ୍ ଖୁସିରେ ଖାଉଛନ୍ତି।'



## କଥା ଚାଟ୍

# ଅ ଠୁ କ୍ଷ....

ଶ୍ରୀମାନ୍ ସର୍ବଗିଳା

ଆୟୁର୍ବେଦିକ, ହୋମିଓପାଥି, ଏଲୋପାଥିଠାରୁ ଆଜିକାଲି ବ୍ୟଙ୍ଗପାଥି ଭଲ କାମଦେଉଛି ବୋଲି ଲୋକଙ୍କ ବିଶ୍ୱାସ ଓ ଭରସା ଥିବା ଜାଣି ଅଭିଜ୍ଞାନବାବୁ ଆମ୍ଭର ପରାମର୍ଶ ଲୋଡ଼ିବାରୁ ଆମ୍ଭ ଛାତି କୁଣ୍ଢେ ମୋଟ । ଅସଲକଥା ହେଲା ତାଙ୍କର ଏକମାତ୍ର ଝିଅ ବିବାହଯୋଗ୍ୟା ହୋଇଯାଇଥିବାରୁ, ଅନେକ ପ୍ରସ୍ତାବ ଆସୁଥିଲା । ମାତ୍ର ଅଭିବାବୁ ସରଳ ଓ ନୀତିପରାୟଣ ତଥା ଯୌତୁକ ବିରୋଧୀ ଥିବାରୁ, ଡିମାଣ୍ଡ କଥା ଶୁଣି ପ୍ରସ୍ତାବ ନେଇ ଆସୁଥିବା ଭଦ୍ରଜନଙ୍କୁ ନମସ୍କାରକରି ଫେରେଇ ଦେଉଥିଲେ । ପଡୋଶୀ ତାଙ୍କୁ ଚିଡ଼େଇବାକୁ ଯୋଜନାକରି ଆଗୁଆ ଭଦ୍ରଲୋକଙ୍କୁ ବାଟରୁ କହୁଥିଲେ -ଝିଅ -ବାପା ଅଭିବାବୁ ଭଲ ଡିମାଣ୍ଡ ଦେବାକୁ ରାଜି । ଟିକେ ଚଢ଼ା ଦାବି କରିବେ । ଏମିତି ଯୋଜନା ଅଭିବାବୁ ବା କେମିତି ଜାଣନ୍ତେ ? ବାରମ୍ବାର ଏମିତି ପ୍ରସ୍ତାବ ଆସୁଥିବାରୁ ଖୁବ୍ ବିରକ୍ତ ହେଉଥିଲେ । ମୁଁ ତାଙ୍କୁ ବ୍ୟଙ୍ଗପାଥିର ପରାମର୍ଶ ଦେଇ ଯାହା କରିବା କଥା କହିଲି ।

ସେଦିନ ଥାଏ ରବିବାର । ସକାଳୁ ଅଭିବାବୁଙ୍କୁ ଫୋନ ଆସିଲା.. ''ଆଜ୍ଞା ! ମୁଁ ମୋ ଏକମାତ୍ର ପୁତ୍ରର ପିତା -ତ୍ରିନାଥବାବୁ କହୁଛି । ଯଦି ଅନୁମତି ଦେବେ, ଉପରବେଳା ଆପଣଙ୍କ ଘରକୁ ଯିବୁ । ପୁଅ ବିଷୟରେ ସବିଶେଷ ବିବରଣୀ ଶୁଣି ଅଭିବାବୁ ସ୍ୱାଗତ ଜଣେଇଲେ । ଉପରବେଳା ଠିକ୍ ଚାରିଟାବେଳେ, ତ୍ରିନାଥବାବୁ ତାଙ୍କ ପତ୍ନୀ ଓ ପୁତ୍ରକୁ ନେଇ ଆସିଲେ । ବଡ଼ ଶ୍ରଦ୍ଧାରେ ଅଭିବାବୁ ସେମାନଙ୍କୁ ଘରେ ବସେଇ ଚା ଜଳଖିଆ ଖୁଆଇବା ପରେ ତ୍ରିନାଥବାବୁ କହିଲେ, ଆପଣଙ୍କ ଝିଅ ମୋ ପୁଅ ତଥା ଆମ ପରିବାର ପାଇଁ ପୂରା ଶହକେ ଶହେ ଫିଟ୍ । ମୁଣ୍ଡ କୁଣ୍ଡେଇ କହିଲେ.. ଆମେ ଟିକେ ଖୋଲାଖୋଲି କଥା ହୋଇଗଲେ ଭଲହୁଅନ୍ତା । ଅଭିବାବୁ କହିଲେ.. ହଁ ହଁ ନିଶ୍ଚୟ । ଆପଣ ଏଇ ଦେବା ନେବା ବିଷୟରେ କଥାହେବାକୁ ଚାହୁଁଛନ୍ତି ତ ? ତେବେ ଆପଣ କ'ଣ ଡିମାଣ୍ଡ କରିବେ, ତା' ମୁଁ ଜାଣିନି । ମାତ୍ର ମୋ ବଳ କ'ଣ ମୁଁ ଆଗୁଆ କହୁଛି । ଶୁଣନ୍ତୁ, ଝିଅ -ଜ୍ୱାଇଁଙ୍କ ପାଇଁ ମାତ୍ର ଶହେଗ୍ରାମ ମାନେ ଦଶଭରି ସୁନାରୁ ଆଉ ଚେନାଏ ଅଧିକ ଦେଇପାରିବିନି । ଆଉ ରହିଲା ଗାଡି-ଘୋଡା କଥା । ଆଜିକାଲି କ'ଣ ଆଗଯୁଗ ପରି ସାଇକଲ ନା ମୋଟରସାଇକଲ କିଏ ଦେଉଛି ? ଦେବି ତ ଚାରିଚକିଆଟେ ଦେବି । ତା' ସାଙ୍ଗକୁ ଦାଣ୍ଡ ସୁନ୍ଦର ପାଇଁ ଅର୍ଜିନାଲ ଶାଗୁଆନ, ପିଆଶାଳ କାଠରେ ଖଟ-ପଲଙ୍କ ଫର୍ନିଚର, ତିନିସାରେ ବାସନକୁସନ, ବାକି ବାଟ ଖର୍ଚ୍ଚକୁ ଯାହା ଲାଗିବ, ସବୁ ବେଦୀ ଉପରେ ଦେବି । ତା' ଛଡ଼ା ଅ 'ଠାରୁ କ୍ଷ 'ଯାଏଁ ସବୁ ଦେବି । କ'ଣ ? ଏଥିରେ ରାଜି ତ କହନ୍ତୁ । ତ୍ରିନାଥବାବୁ ତାଙ୍କ ପତ୍ନୀଙ୍କ କାନରେ କ'ଣ ଚୁପଚେ କଥାହେଲେ କେଜାଣି, ରାଜିହୋଇ କହିଲେ... ଆମେ ରାଜି । ବାକି ବରଯାତ୍ରୀ ଭୋଜି ପାଇଁ ମଟନ୍ ହେଲେ ସମ୍ମାନ ରୁହନ୍ତା । ଅଭିବାବୁ ହଁ ହେବ କହିବାରୁ ବାହାଘର ଦିନ ବାର ଫାଇନାଲ କରି ଫେରିଗଲେ ।

ଯଥାସମୟ ଶୁଭବେଳା ନାହାକ ମହାଶୟଙ୍କ ଗଣନା ଅନୁସାରେ ବର -ପିତା, ବର ଓ ବରଯାତ୍ରୀ ସହିତ ରୋଶଣି କରି ଆସି ଅଭିବାବୁଙ୍କ ଦୁଆରେ ପହଞ୍ଚି ଯାହା ଦେଖିଲେ, ତାଙ୍କ ଛାତିରେ ଛନ୍କା ପଶିଗଲା । ଆରେ ଇଏ କି କଥା ! ଆଜି ଝିଅ ବାହାଘର କଥା କ'ଣ ଅଭିବାବୁ ଭୁଲିଗଲେ ନା ଏ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କଲେ ? ସେମିତି ତ କିଛି ଖବର ଦେଇନାହାନ୍ତି । ବାହାଘର ବୋଲି ନା ଝିଲିମିଲିଆ ଆଲୁଅ ଜଳୁଛି ନା ସାଜସଜ୍ଜା କିଛି ହେଇଛି ! ଖାଲି ଦୁଆରେ ମାଟି ପକେଇ ବେଦିଟେ, ତା' ଉପରେ ନଡ଼ିଆ ବରଡ଼ା ଦି'ଖଣ୍ଡ ଛଡ଼ା ଆଉ କିଛି ନାହିଁ ! ତ୍ରିନାଥବାବୁ ବିକଳିଆ ହୋଇ ଦୁଆର ବାଡେଇ ଡାକ ଛାଡିଲେ... ସମୁଦୀ ! ହୋ ସମୁଦୀ ! ଆହେ ଶୁଣୁଛ ନା ନାହିଁ ? ଆଖି ମଳିମଳି ଅଭିବାବୁ ଦୁଆର ଫିଟେଇ, ତ୍ରିନାଥବାବୁଙ୍କୁ ଦେଖି ଭାରି ସରାଗରେ ଅଭ୍ୟର୍ଥନାକରି କହିଲେ.. ଆରେ ମୋ ସମୁଦୀ ! ଆସ । ଭିତରକୁ ଆସ ।

-ଆହେ ମୁଁ ଭିତରକୁ ଯିବି କ'ଣ ? ଇଏ କି ପ୍ରହସନ ? ଅନ୍ଧାର ହେଇଛି । ଲାଇଟ ଜଳୁନି.. ବାଜା ଶୁଭୁନି.. ବନ୍ଧୁ-ବାନ୍ଧବ ଦୁଶୁନାହାନ୍ତି...!

-ହେ ସମୁଦୀ ! ଇଏ ଗୋଟେ କଥା ନା ? ଆହେ ଲାଇନି ଅଛି । ବଲ୍ ଲାଗିଛି । ସୁଇଚ୍ ବି ଅଛି । ଖାଲି ଟିପିଲେ.. ଜଳିବ । ତା' ଛଡ଼ା ଆଜିକାଲି ଇଲେକ୍ଟ୍ରି ବିଲ୍ ଯେମିତି ବଢ଼ିଲାଣି ନା ଆଗୁଆ ଆଲୁଅ ଜାଳି କ'ଣ ଅଧିକା ହେଇଥାନ୍ତା ? ତମେ ବି ତ ଆଲୁଅ ଜାଳିକି ଆସିଥିବ ନା । ହଉ, ମାରିଦେଉଛି ସୁଇଚ୍, ସଙ୍ଗେ ସଙ୍ଗେ ଜଳିବ । ତା' ଛଡ଼ା ତେମେ ଯୋଉ ବାଜା କଥା କହୁଛ, ବନ୍ଧୁ ବାନ୍ଧବ କଥା ପଚାରୁଚ, ସେ ସବୁ ତ ତମେ ସିଆଡୁ ନେଇକି ଆସିଥିବ । ତମ ବାଜା -ବନ୍ଧୁ କ'ଣ ମୋର ନୁହଁ କି? ସେମାନେ ତ



ବାହା ହେବେନି ନା ! ଝିଅ -ପୁଅ ବାହାହେବେ । ସେମାନେ ତ ରେଡି । ହଉ ଭିତରକୁ ଆସ ଦୁଃଖ ସୁଖ ହେବା । ପୁଅକୁ କୁହ ବେଦିରେ ବସୁ, ବ୍ରାହ୍ମଣ ମନ୍ତ୍ର ପଢନ୍ତୁ । ମୁଁ ତା ମା'କୁ କହୁଛି.. ଝିଅକୁ ବେଦୀକି ପଠାଉ ।

-ଆଉ ବରଯାତ୍ରୀଙ୍କ ଭୋଜି?

-ସବୁ ହେବ । ଆଗ ବାହା କାମ ସରିଯାଉ, ମିଶିକି ଖାଇବା ବ୍ୟବସ୍ଥା କରିବା । ଶୁଣ, ତମେ କହିଥିଲ.. ମଟନ୍ । ମୁଁ ବାହାଘର କାମରେ ଏତେ ବିଜି ରହିଲି ଯେ, ଆଉ ମାଉଁସ କିଣିବାକୁ ଯାଇ ପାରିଲିନି । କହିଲ ସମୁଦୀ ! ତମେ କ'ଣ ବରଯାତ୍ରୀଙ୍କୁ ତମ ଘରୁ ଉପାସରେ ଆଣିଛ କି?

--ନାଇଁ, ଘରେ ଭଲକି ଖୁଆଇଛି, ବାଟରେ ଚା' ଥଣ୍ଡା ଜଳଖିଆ ବି ଖୁଆଇଛି ।

--ବାସ୍ ! ହେଲାତ ଆଉ.. । ସେମାନେ ସେଇଠି ଖାଇଲେ, ବାଟରେ ଖାଇଲେ, ପୁଣି ଆସୁ ଆସୁ ଏଇଠି ଖାଇ ହଗିହେବେ ନା କ'ଣ ? ସେଗୁଡା ଜୀର୍ଣ୍ଣ ହେଲା ବେଳକୁ, ଆମର ବାହାଘର ସରିଯାଇଥିବ । ତା' ପରେ କିଛିଗୋଟେ ବନ୍ଦୋବସ୍ତ କରିବା । ଚିନ୍ତା କରି ବିପି ଉଠାଅନି ।

--ହେ ଭଗବାନ୍! ମୁଁ କ'ଣ କହିବି ୟାଙ୍କୁ..!

--କହିବ ଆଉ କ'ଣ ? ସେଇ ଜିନିଷପତ୍ର... ଦେବା ନେବା କଥା ତ? ଶୁଣ, ମୋର ସବୁ ମନେଅଛି । ସୁନା ଶହେଗ୍ରାମ କହିଥିଲି । ଆହେ, ସୁନା କିଏ କାହାକୁ ଦେଲାଣି ନା ମୁଁ ତମକୁ ଦେବି ? ଅଳଙ୍କାର ଦିଆଯାଏ । ଖାଣ୍ଟି ୨୪କ୍ୟାରେଟ ସୁନା, ମୁଁ କୋଉ ବିଶ୍ୱାସରେ ବଣିଆକୁ ଦେଇଆସିଥାନ୍ତି ? ଯଦି ବେଙ୍ଗି ପିତଳ ରଙ୍ଗକରି ଗଢି ଠକିଥାନ୍ତା, ତେମେ ମତେ କେତେ ଖରାପ ଭାବିଥାନ୍ତ ! ଅସଲି ଶାଗୁଆନ, ପିଆଶାଳ କାଠ.. ବଢ଼େଇ ଦୁଆରେ ଦେଇ କୋଉ ଭରସାରେ ଆସିଥାନ୍ତି ? ସେ ଯଦି ନକଲି କାଠରେ ଗଢି ରଙ୍ଗମାରି ଜିନିଷ ଦେଇଥାନ୍ତା.. ମୋ ଇଜ୍ଜତ ରହିଥାନ୍ତା ଟି ? ସେମାନେ ଆସି ମୋ ଦୁଆରେ ବସି ମୋ ପସନ୍ଦରେ କରିଥାନ୍ତେ । ହେଲେ, ମୁଁ ତ ବାହାଘର କାମରେ ଏତେ ବିଜି ଯେ, ତାଙ୍କୁ ଡାକିଲି କେତେବେଳେ.. ନା କଲି କେତେବେଳେ ? ତା' ଛଡ଼ା ଗାଡିକଥା । ଆଜିକାଲି ଚୋରା ଗାଡି ବହୁତ । ମୁଁ କୋଉଟା ଭଲଗାଡି, ସେଇଟା କିଣିବାକୁ ଶୋ'ରୁମ୍ ଯାଇ କିଣିଥାନ୍ତି । ହେଲେ ମୁଁ ବାହାଘର କାମରେ ବହୁତ ବିଜି । ଆଉ ଗଲି କେତେବେଳେ ନା କିଣିଲି କେତେବେଳେ ? ମୁଁ କ'ଣ ଓଲା ଯେ ଚୋରା ଗାଡି କିଣି, ମୋ ଜ୍ୱାଇଁକି ଜେଲରେ ପୂରେଇଥାନ୍ତି ? ହଉ, ସେ କଥା ଛାଡ଼ । ମୁଁ ତମକୁ ଅ'ଠୁ କ୍ଷ' ଯାଏ ଦେବି କହିଥିଲି । ଏଇ ତାଲିକା ଧର... ମେଳ କର । ପଛନ୍ତେ କୋଉଟା ଊଣା କହିବନି । ନିଅ.. ପଢ଼ ।୧:-ଅ 'ରେ ଅଦା ଦୁଇ ଶହ ଗ୍ରାମ, ଅଟା ଦୁଇ କିଲ, ଆ ରେ.. ଆଚାର (ଆମ୍ବର, ଲେମ୍ବୁର ) ଦୁଇ ଶହ ଗ୍ରାମ ଲେଖାଏ । ଇ 'ରେ ଇଟା.. ଚାରିଟା । ଉ 'ରେ ଉଖୁଡା (ଗୁଡରେ, ଚିନିରେ ) ଅଧ ଅଧ କିଲ ଦି' ଦି ପ୍ୟାକେଟ ।... ଇତ୍ୟାଦି... କ୍ଷ ଯାଏ ଅଛି ।

--ହଇଓ ବାବୁ ! ଇଏ ସବୁ କ'ଣ ?

--ଜିନିଷ । ଉପକାରୀ ବ୍ୟବହାର ଉପଯୋଗୀ ଦ୍ରବ୍ୟ । ମୁଁ ଫିଙ୍ଗା ଫୋପଡା ହେଲା ଭଳିଆ କିଛି ଦେଇନି ହୋ । ଅଦା କିଲ ନଅ ଶହ ଟଙ୍କା । ହଉ । ମୋର ତ ମାନସମ୍ମାନ ଅଛି ନା । ମୁଁ କ'ଣ ନିକୁଛିଆ ଭଳିଆ ପଚାଶ /ଶହେ ଗ୍ରାମ ଦେଇଥାନ୍ତି ? ଅଦା ଦୁଇଶହ ଗ୍ରାମ ଦେଇଛି । ତରକାରିରେ ପକେଇବ । ତମର କି ସମୁଦୁଣୀଙ୍କର ପେଟରେ ଗ୍ୟାସ ହେଲେ.. ଖଣ୍ଡେ ଲୁଣ ମଢ଼େଇ ଚୋବେଇଯିବ । ଦୁଇ ମିନିଟରେ.. ପେଟ ଖଲାସ.. ମନ ଉଲ୍ଲାସ । ଅଟା ଦି କିଲ ଦେଇଛି, ରୁଟି କର, ପରଟା କର, ପୁରି ଛାଣି ଖାଅ... ତମ ଇଚ୍ଛା । ତା' ଛଡ଼ା ଦୂରଦୃଷ୍ଟି ରଖି ଇଟା ଚାରିଟା ଦେଇଛି, ତମର ପୁରୁଣା ଖଟ । ଯଦି ଗୋଡ଼ ଭାଙ୍ଗିଲା, ଏଇ ଇଟା ଡାକ ଶୁଣିବ । ଆଚାର ଦି' ଭଳିରେ ଦେଇଛି । ଖାଇବ ଖାଇବ, ବଳିଲେ ସାଇତି ରଖିବ । ଠାକୁର ଚାହିଁଲେ ଆର ସାଲକୁ ପରା ମୋ ଝିଅ ଖୋଜିବ । ସେତେବେଳେ କାହାକୁ ଯାଇ ମାଗିବ ? ସବୁ ରଖ । ବେଶି ଦେଇଛି ବୋଲି ଫେରାଅନି । ବୁଝିଲ ।

--ହେହେଠକ,ଟାଉଟର,ଡହରାକୋଉଠିକାର ।ତମେଏଡ଼େହାରାମି... ?

--ହ, ନୁହଁ ଆଉ କ'ଣ ? ତା' ମାନେ ତମେ ସେଇଆ ?

--ହେଇ ଦେଖିଲ, ତମେ ମୋ ନୂଆ ସମୁଦୀ.. ସାତପୁରୁଷର ବନ୍ଧୁ । ଯେବେ ଏମିତି କହି ତେମେ ଖୁସି, ମୁଁ କାହିଁ ମନାକରି ତମ ମନ ଦୁଃଖ କରେଇବି ?

--ନା, ତମେ ଖାଣ୍ଟି ଭଦ୍ର । ମୁଁ ହାରାମି କାନମୋଡି ଠାଏ ଠାଏ ଗାଲରେ ମୋର ଚଟକଣି ମାରି କହୁଛି.. ମୁଁ ଅଭଦ୍ର.. ।

--ହ ନୁହେଁ ତ ଆଉ କ'ଣ ? ତମେ ଚଟକଣି ନିଜେ ଖାଇ ଯେବେ ଖୁସି, ମୁଁ କାହିଁ ବାଧାଦେଇ ତମ ମନରେ ଦୁଃଖଦେବି ?

--ଆରେ କିଏ କୁଆଡେ ଗଲ ? ପୁଅକୁ ନେଇ ଚାଲ । ବନ୍ଦକର ଏ ବାହାଘର ।

--ଏଁ., କୁଆଡେ ଯିବ ? ମୋରେ ମଝିଲା ଝିଅକୁ ତମର ମଝିଲା ପୁଅ । ଶୀଘ୍ର ବାହାଘର ସରିବ... ନା କଟକର ନାଲି କୋଠା ଦେଖିବ ?

(ଭଲରେ ଝିଅ ବାହାଦେଇ, ଅଭିବାବୁ ଫୋନରେ ମତେ ଜଣେଇଲେ.. ବ୍ୟଙ୍ଗପାଥିର ଅବ୍ୟର୍ଥ ଗୁଣ..)

*-ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ବିଜ୍ଞାନ ଜଗତରେ ଆକସ୍ମିକ ଆବିଷ୍କାର

**ଡକ୍ଟର ରାଜବଲ୍ଲଭ ମହାନ୍ତି**

**ପ୍ରକାଶକ-ଗ୍ରନ୍ଥ ମନ୍ଦିର, କଟକ, ମୂଲ୍ୟ-୧୫୦ଟଙ୍କା**

ବିଜ୍ଞାନ ଜଗତରେ ଆକସ୍ମିକ ଆବିଷ୍କାର ଡକ୍ଟର ରାଜବଲ୍ଲଭ ମହାନ୍ତିଙ୍କ ପୁସ୍ତକ । ଲେଖକ ପୁସ୍ତକରେ ଦୈନନ୍ଦିନ ଚଳଣିରେ




ବିଜ୍ଞାନର ବ୍ୟବହାର ବିଷୟରେ ଲେଖିଛନ୍ତି । ଯଥା: ଆମେ ଖାଉଥିବା ବିଭିନ୍ନ ଖାଦ୍ୟ ଓ ପାନୀୟର ଶରୀର ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ସୁନ୍ଦର ଭାବେ ବୁଝାଇଛନ୍ତି । ଏହାଛଡ଼ା ଆମ ରୋଷେଇରେ ବ୍ୟବହୃତ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି ; ଯାହାକି ସମସ୍ତଙ୍କ ପାଇଁ ଉପଯୋଗୀ ।

### ମୋହନ ମାନସ

**ରାଧାମୋହନ ମହାପାତ୍ର, ପ୍ରକାଶିକା-ପ୍ରତିଭା ମହାପାତ୍ର**

**'ପ୍ରତିଭାନୀ', ୧୪୭, ବୁଦ୍ଧେଶ୍ୱରୀ କଲୋନୀ**

**ପୁରୁଣା ପୋଷ୍ଟ ଅଫିସ ଲେନ୍, ଭୁବନେଶ୍ୱର-୬**

ଏହି ପୁସ୍ତକରେ ମୋହନ ମହାପାତ୍ରଙ୍କର ବିଭିନ୍ନ ସମ୍ବାଦପତ୍ରରେ





ପ୍ରକାଶିତ ୧୦୦ଟି ସ୍ତମ୍ଭ ପ୍ରକାଶିତ ହୋଇଛି ; ଯେଉଁଥିରେ ସାମାଜିକ ଜନଜୀବନ ସହ ଲୋକ ଚରିତ୍ର ଓ ବିଭିନ୍ନ ଘଟଣା ଦୁର୍ଘଟଣାକୁ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ଅତିଥି ଦେବୋ ଭବ ହେଉ କି ରୁଟି ନୁହେଁ ଭାତ କିମ୍ବା ଅସୁରକ୍ଷିତ ଅଭୟାରଣ୍ୟ ପ୍ରତ୍ୟେକଟି ବିଷୟ ପାଠକଙ୍କୁ ବାନ୍ଧି ରଖିବ ।

### ସବୁରି ପ୍ରଭୁ ତ ଜଣେ

**ଡକ୍ଟର ଲିଙ୍ଗରାଜ ରଥ, ଲିପିକା, ନିଜିଗଡକୁରୁଖି,**

**ହରିରାଜପୁର, ଜଟଣୀ, ମୂଲ୍ୟ- ୧୫୦ଟଙ୍କା**

ପୁସ୍ତକଟିରେ ୧୦୦ଟି ଭଜନ ସ୍ଥାନିତ ହୋଇଛି । ପୁସ୍ତକରେ




କବିଙ୍କର ଭକ୍ତି ଭାବନା ଏବଂ ଭାବୋଚ୍ଛ୍ୱାସ ତାଙ୍କ କବିତାକୁ ରସାଣିତ କରିଛି । ସାଇବାବା ସର୍ବଦା କହୁଥିଲେ 'ସବ୍ କା ମାଲିକ ଏକ୍' । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କ ପାଖକୁ ଯାଇ ପାରୁଥିଲେ । ସବୁରି ପ୍ରଭୁ ତ ଜଣେ ଏହା ସାଇ ବାବାଙ୍କର ଅମୃତ ବାଣୀ । ତେଣୁ ଧନୀ, ଗରିବ ନିର୍ବିଶେଷରେ ସବୁ ଧର୍ମର ଲୋକ ହେଉଛନ୍ତି ତାଙ୍କର ଭକ୍ତ ।

ବ୍ୟାକ୍ ପେଜ୍

# କୁକୁର ଚୋବାଇ ପାରିବେନି ଏହି ଚପଲକୁ

ସାଧାରଣତଃ କୁକୁରଙ୍କୁ ଚପଲ ଚୋବାଇବାକୁ ବହୁତ ଭଲ ଲାଗିଥାଏ। ଭୁଲରେ ଯଦି ଆମେ ଆମ ଚପଲ ଘରର ପୋଷା କୁକୁର ଆଖପାଖରେ ରଖି ଦେଇଥାଉ ତେବେ ଚପଲକୁ ଚୋବାଇ ସେମାନେ ତା'ର ଅବସ୍ଥା ଖରାପ କରିଦିଅନ୍ତି। ଯାହାକୁ ଦେଖି ଆମେ ସବୁବେଳେ ନଷ୍ଟ ହୋଇଥିବା ଆମ ଚପଲ ପାଇଁ ଦୁଃଖ କରୁ। ହେଲେ ଚପଲ ଚୋବାଇବା ଦ୍ୱାରା ଯେ କୁକୁରଙ୍କର




କେତେ କ୍ଷତି ହୁଏ ସେଥିପ୍ରତି ଦୃଷ୍ଟି ଦେଇ ନ ଥାଉ। ସାଧାରଣତଃ ଚପଲରେ ଥିବା ରାସାୟନିକ ପଦାର୍ଥ କୁକୁରଙ୍କ ଶରୀରକୁ କ୍ଷତି ପହଞ୍ଚାଇଥାଏ। ହେଲେ ଏ ସମ୍ପର୍କରେ ଅନେକେ ଅବଗତ ନ ଥାନ୍ତି। ଏହି ସମସ୍ୟାକୁ ସମାଧାନ କରିବା ଲାଗି ବ୍ରାଜିଲର ଫ୍ଲିପ୍ ଫ୍ଲପ୍ ତିଆରି କରୁଥିବା କମ୍ପାନୀ ବ୍ରିଜା, ପେଟ୍ ଫୁଡ କମ୍ପାନୀ ପେଡିଗ୍ରୀ ଓ ଆଡଭର୍ଟାଇଜିଂ ଏଜେନ୍ସି ମିରୁମ ସହ ମିଶି ଏଭଳି ଏକ ଚପଲ ତିଆରି କରିଛି, ଯାହାକୁ ଯେତେ ଚେଷ୍ଟା କଲେ ବି ଚୋବାଇ ହେବନି। ଏହା ହେଉଛି ପୃଥିବୀର ପ୍ରଥମ ଅନ୍‌ଚ୍ୟୁଏବଲ୍ ଚପଲ। ଏହି ତିନି କମ୍ପାନୀ ଡେନାଟୋନିୟମ୍ ବେନଜୋଏଟ୍‌ରେ ଉକ୍ତ ଚପଲ ତିଆରି କରିଛନ୍ତି। ଏହା ଏମିତି ଏକ ରସାୟନ ଯାହା ପୃଥିବୀର ସବୁଠାରୁ ପିତା। ହେଲେ ଏହା କୁକୁରଙ୍କ ଶରୀର ପାଇଁ ଆଦୌ କ୍ଷତିକାରକ ନୁହେଁ। ଫଳରେ କୁକୁର ଏହାକୁ ଚୋବାଇବା ତ ଦୂର କଥା ଏହାକୁ ପାଟିରେ ପୁରାଇବେ ନାହିଁ।









# କଳା ସେଓ

ସେଓ ଶରୀର ପାଇଁ ବେଶ୍ ଉପକାରୀ। ଡାକ୍ତର ଏହାକୁ ପ୍ରତିଦିନ ନିଜ ଖାଦ୍ୟ ତାଲିକାରେ ସାମିଲ କରିବାକୁ ପରାମର୍ଶ ଦିଅନ୍ତି। ତେଣୁ ବଜାରରେ ସେଓ ସବୁବେଳେ ମିଳିଥାଏ। ଲାଲ, ସବୁଜ ରଙ୍ଗର ସେଓ ତ ସମସ୍ତେ ଦେଖିଥିବେ। ହେଲେ କେବେ କଳାରଙ୍ଗର ସେଓ ଦେଖିଛନ୍ତି। ଭାବୁଥିବେ କଳାରଙ୍ଗର ସେଓ କ'ଣ ସତରେ ଅଛି! ବାସ୍ତବରେ ଏହି ରଙ୍ଗର ସେଓ ଅଛି। ଆଉ ଏହା 'ବ୍ଲାକ ଡାଇମଣ୍ଡ' ଆପଲ୍ ନାମରେ ପରିଚିତ। ଏହା କେବଳ ତିବ୍ବତର ପାହାଡିଆ ଅଞ୍ଚଳରେ ଫଳିଥାଏ। ଏହା ଅନ୍ୟ ସେଓ ଅପେକ୍ଷା ଅଧିକ ମହଙ୍ଗା। ହୁଆ ନିଉ ପ୍ରଜାତିର ଏହି ସେଓ ପ୍ରକୃତରେ ଗାଢ ବାଇଗଣୀ ରଙ୍ଗର। କିନ୍ତୁ ଏହା କଳା ସେଓ ପରି ଲାଗେ ଓ ଏହା ଦେଖିବାକୁ ବେଶ୍ ସୁନ୍ଦର। ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ତତ୍ତ୍ୱ ଶରୀର ପାଇଁ ବେଶ୍ ଉପକାରୀ। ଏହାକୁ ନିୟମିତ ସେବନ କଲେ ଫଙ୍ଗାଲ ଇନଫେକ୍ସନରୁ ସୁରକ୍ଷା ମିଳେ, ରୋଗ ପ୍ରତିରୋଧକ ଶକ୍ତି ବଢେ। ତା'ସହ ଶରୀରର ହାନିକାରକ କୋଲେଷ୍ଟୋରାଲର ମାତ୍ରା ନିୟନ୍ତ୍ରଣରେ ରହେ। ଯଦ୍ୱାରା ହୃଦ୍‌ଘାତର ଆଶଙ୍କା ବି କମିଯାଏ। ଏଥିରେ ଭିଟମିନ ଏ ପ୍ରଚୁର ମାତ୍ରାରେ ଥାଏ, ଯାହାକି ଦୃଷ୍ଟିଶକ୍ତି ବୃଦ୍ଧି କରିବା ସହ ଆଖିର ବିଭିନ୍ନ ରୋଗକୁ ବି ଦୂର କରେ। ଏହାର ସେବନ ଦ୍ୱାରା ମସ୍ତିଷ୍କ ଓ ତ୍ୱଚା ବି ସୁସ୍ଥ ରହେ।



# ପାଟି ଜଳିଯିବ ଖାଇଲେ ଏଇ ଆଇସ୍‌କ୍ରିମ୍

ଥଣ୍ଡା ଥଣ୍ଡା, ମିଠା ମିଠା ଆଇସ୍‌କ୍ରିମ ଖାଇବାର ମଜା ଅଲଗା। ତେଣୁ ଛୋଟରୁ ବଡ଼ ପ୍ରାୟ ସମସ୍ତଙ୍କର ଏହା ପ୍ରିୟ। ଆଉ ଖରାଦିନେ ତ ଏହାର ଚାହିଦା କାହିଁରେ କେତେ ବଢିଯାଏ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ବି ଏକ ଆଇସ୍‌କ୍ରିମ ଅଛି, ଯାହାର ସ୍ୱାଦ ମିଠା ନୁହେଁ ବରଂ ରାଗ। ସ୍କଟଲାଣ୍ଡର ଅଲ୍‌ଡ୍ରିଚ୍ କାଫେରେ ମିଳେ ଏହି ଆଇସ୍‌କ୍ରିମ୍, ଯାହାର ନାମ 'ରେସ୍ପିରୋ ଡେଲ ଡିଆଭୋଲୋ' ତଥା 'ବ୍ରେଥ୍ ଅଫ୍ ଦ ଡେଭିଲ୍'। ଏହା ପାରମ୍ପରିକ ଇଟାଲୀୟ ପଦ୍ଧତିରେ ତିଆରି ହୋଇଥାଏ। ଆଉ ଏହାକୁ ଏଭଳିଆ ରାଗ ଲଙ୍କାରେ ତିଆରି କରାଯାଇଛି ଯେ, ସାରା ପୃଥିବୀରେ ଏହି ଆଇସ୍‌କ୍ରିମ୍‌କୁ ସବୁଠୁ ବିପଜ୍ଜନକ ଆଇସ୍‌କ୍ରିମ ଭାବେ ଗଣନା କରାଯାଉଛି। ଅଲ୍‌ଡ୍ରିନ୍ କାଫେର ମାଲିକ ମାର୍ଟିନ ବନ୍ଦୋନି ଏହାକୁ ସ୍କଟଲାଣ୍ଡର ଗ୍ଲାସ୍କୋରୁ ନିଜ କାଫେକୁ ଆଣିଛନ୍ତି। ଆଉ ଏହାର ପ୍ରସ୍ତୁତି ଯେମିତି ପାରମ୍ପରିକ ଇଟାଲୀୟ ପଦ୍ଧତିରେ ହେବ ସେଥିପ୍ରତି ସେ ଖାସ୍ ଧ୍ୟାନ ରଖିଥାନ୍ତି। ମାର୍ଟିନଙ୍କ ଭାଇ ଲି' ବନ୍ଦୋନି ଏହି ଆଇସ୍‌କ୍ରିମ୍‌ର ନାମକରଣ ସମ୍ପର୍କରେ କୁହନ୍ତି ଯେ, 'ଇଟାଲିରେ ଡେଭିଲ୍ସ ବ୍ରିଜ୍ ନାମକ ସ୍ଥାନରେ ଏକ ପରିବାର ଥିଲା ଯେକି ପ୍ରତିବର୍ଷ ଏକାଠି ହେବାବେଳେ ବର୍ଷ ତମାମର ସୁଖଦୁଃଖ ହେଉଥିଲେ। ଆଉ ସେହି ପରିବାରର ପୁରୁଷ ପ୍ରାୟତଃ ନିଜର ବାହାଦୁରୀ ଦେଖାଇବା ପାଇଁ ଏହି ଆଇସ୍‌କ୍ରିମ ଖାଉଥିଲେ। ତେଣୁ ଏହି ଆଇସ୍‌କ୍ରିମର ନାମ ପରବର୍ତ୍ତୀ ସମୟରେ 'ବ୍ରେଥ୍ ଅଫ୍ ଦ ଡେଭିଲ୍' ରଖାଗଲା।' ଏହି ଆଇସ୍‌କ୍ରିମ କେବଳ ସ୍କଟଲାଣ୍ଡ ଓ ଇଟାଲୀରେ ହିଁ ମିଳେ। ୧୮ ବର୍ଷ ବୟସରୁ ଉର୍ଦ୍ଧ୍ୱ ହିଁ ଏହାକୁ ଖାଇବାର ଅନୁମତି ଅଛି।